Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୨୨, ଭୁବନେଶ୍ୱର, ଏପ୍ରିଲ ୧୪- ୨୦, ୨୦୨୫, Vol: 2, Issue: 22, Bhubaneswar, April-14-20, 2025 Pages- 8

# ଅଲୋଡ଼ା ପ୍ରଥା - ଅଖୋଜା ପରମ୍ପରା

*ସବୁ ପୁରୁଣା ପ୍ରଥା ଓ ପରମ୍ପରା ଏବେ ଅଲୋଡ଼ା ଆଉ ଅଖୋଜା। ପୁରୁଣା କ୍ୟାଲେଣ୍ଡରର ପୃଷ୍ଠା ଭଳି ସବୁ ବିସ୍ମୃତ ଗର୍ଭରେ। ପ୍ରଥା କେବେବି ଏକ ଆଳ ନୁହେଁ ବରଂ ଏହା ଏକ ନିରାଟ ଆବଶ୍ୟକତା। ଆଧୁନିକ ମାନସିକତା ଓ ବିଜ୍ଞାନର ଅଗ୍ରଗତି ସହିତ ଈଶ୍ୱରୀୟ ସତ୍ତା ଆଜି ବି ବଳବତ୍ତର। ମତାନ୍ତର ରହିଲେ ମଧ ପରମ୍ପରାକୁ ହୁଡ଼ିବାର ସାହାସ ମାନବ ସମାଜ ପାଖରେ ନାହିଁ। ହଁ ଏବେ କିଛିଟା ସଂକୁଚିତ ହେଇଛି ଆମ ପ୍ରଥା ଓ ପରମ୍ପରା। ଏହି ଗମ୍ଭୀର ପ୍ରସଙ୍ଗକୁ ନେଇ 'ଭଏସ ଅଫ୍ ଭିକ୍ଟିମ୍ସ' ଟିମ୍ ର ଏକ ବିଶେଷ ଆଲୋଚନା।*



ଗୋଉ ଆବହମାନ କାଳରୁ ଚାଲିଆସିଛି ବିବାହ, ବ୍ରତ ବା ଉତ୍ସବ ପାଇଁ ନିମନ୍ତ୍ରଣ ପ୍ରଥା। ଦେବନୀତି ଠାରୁ ଆରମ୍ଭ କରି ସମସ୍ତ ଶୁଭକାମରେ ବନ୍ଧୁବାନ୍ଧବ ଓ ପ୍ରିୟଜନ ମାନଙ୍କର ଉପସ୍ଥିତି ପାଇଁ ନିମନ୍ତ୍ରଣ ପଠାଯାଏ। ଏକଥା ଜାଣିବା ଦରକାର ଆମର କେତେ ପ୍ରକାରର ନିମନ୍ତ୍ରଣ ରହିଛି। ଗ୍ରାମ ଦେବଦେବୀଙ୍କୁ ନିମନ୍ତ୍ରଣ, ମହାପ୍ରଭୁଙ୍କୁ ନିମନ୍ତ୍ରଣ, ମଉଳା (ମାମୁଁ ଘର) ନିମନ୍ତ୍ରଣ, ଜ୍ୱାଇଁ ନିମନ୍ତ୍ରଣ, ବନ୍ଧୁ ନିମନ୍ତ୍ରଣ ଇତ୍ୟାଦି। ବିବାହ, ବ୍ରତ ଆଦି କାର୍ଯ୍ୟ ରେ ପ୍ରଥମେ ପୁଅ ଘର ଲୋକେ ଗାଁ ନିମନ୍ତ୍ରଣ ବା ଗ୍ରାମ ଦେବଦେବୀଙ୍କୁ ନିମନ୍ତ୍ରଣ ନିମିତ୍ତ ଶଙ୍ଖୁଆ କୁ ଡାକି ଶଙ୍ଖ ନାଦ ସହିତ ଆଶୀର୍ବାଦ ନେଇଥାନ୍ତି। ଶୁଭକାର୍ଯ୍ୟର ଶୁଭାରମ୍ଭ



କରିଥାନ୍ତି। ଶୁଭ ଶଙ୍ଖ ଧ୍ୱନି ଶୁଣି ଗ୍ରାମବାସୀ ବି ଜାଣିଥାନ୍ତି ଆଗକୁ ଶୁଭ କାର୍ଯ୍ୟଟିଏ ହେବାକୁ ଯାଉଛି। ଝିଅ ଘର ପରିବାର ଲୋକେ ପୁଅ ଘରକୁ ଜ୍ୱାଇଁ ନିମନ୍ତ୍ରଣ ଧରି ଆସି ପ୍ରଥମେ ଗ୍ରାମ ମନ୍ଦିର ରେ ପହଞ୍ଚି ପୂଜାର୍ଚ୍ଚନା କରିଥାନ୍ତି। ତାପରେ ବିଧି ଅନୁସାରେ ଆଣିଥିବା ନିମନ୍ତ୍ରଣ ସାମଗ୍ରୀ କୁ ବାରିକ କାନ୍ଧରେ ଧରି ଶଙ୍ଖୁଆର ଶଙ୍ଖ ଧ୍ୱନି ସହିତ ପୁଅ ଘରେ ପହଁଞ୍ଚି ଜ୍ୱାଇଁ ନିମନ୍ତ୍ରଣ ଦେଇଥାନ୍ତି। ଏସବୁ ପରେ ଆରମ୍ଭ ହୁଏ ମଉଳା ନିମନ୍ତ୍ରଣ ବା ମାମୁଁ ଘରକୁ ନିମନ୍ତ୍ରଣ। ନିମନ୍ତ୍ରଣ ତାଟ ରେ କେତୋଟି ନଡ଼ିଆ, କେତୋଟି ଗୁଆ, ରହିବ ତାର ବି ବିଧିବିଧାନ ରହିଛି। ମାମୁଁଙ୍କ ଘରେ ମଧ ମୁରୁଜ ଚିତା ଦେଇ, ଦୀପ ଲଗାଇ, ହୁଳହୁଳି ପକାଇ ନିମନ୍ତ୍ରଣ ତାଟ କୁ ମୁରୁଜ ଚିତା ଉପରେ ରଖି ବନ୍ଦାପନା କରି ଯଥାରୀତି ସ୍ୱାଗତ କରିଥାନ୍ତି। ତାପରେ ଆରମ୍ଭ ହୋଇ ଥାଏ ଜ୍ୱାଇଁ ମାନଙ୍କୁ

- ଗୁଆପାତ୍ରୀ ନିମନ୍ତ୍ରଣର ଯୁଗ ଆଉ ନାହିଁ
- ଏବେ ସମସ୍ତେ ଡିଜିଟାଲ୍ ମାୟାରେ ବାୟା
- ଅତିଥି ହଜାରେକୁ ନିମନ୍ତ୍ରଣ କାର୍ଡ ଶହେ
- ବନ୍ଧୁ ଦୁଆରକୁ ଯିବା ପାଇଁ ସମୟ ନାହିଁ
- ମହାପ୍ରଭୁଙ୍କ ନିମନ୍ତ୍ରଣ କେବଳ ଲୋକ ଦେଖାଣିଆ
- ଅନୁକୂଳ ପାଇଁ ସାତ ଜଣ ସ୍ତ୍ରୀ'ଲୋକ ଏକାଠି ହେବା ମୁସ୍କିଲ୍
- ଆଉ ବାଜୁନି ଦେଶୀ ବାଜା- ଢୋଲ, ଟାଙ୍ଗୁ, ତୂରୀ ଓ ମହୁରୀ

ଓ ବନ୍ଧୁବାନ୍ଧବ ମାନଙ୍କୁ ଗୁଆ ନିମନ୍ତ୍ରଣ ର ପର୍ବ। କାହା ଘରକୁ ଗୋଟିଏ ନଡିଆ ଗୋଟିଏ ପାନ ଗୁଆ ତ, ପୁଣି କାହା ପାଇଁ ଦୁଇଟି ନଡ଼ିଆ, ଦୁଇ ତିନୋଟି ପାନ ଓ ଗୁଆ ପ୍ରଦାନ କରି ବିଧିବିଧାନର ସହ ନିମନ୍ତ୍ରଣ କରିବାର ବିଧି ରହିଥାଏ। ଏମିତିରେ ସାଧାରଣ ବନ୍ଧୁମାନଙ୍କୁ ତମ୍ବାର ପାତ୍ରୀ ରେ ହଳଦୀ କନାର ବିଣ୍ଡି ଟିଏ ପକାଇ ଗୁଆ ରଖି ବନ୍ଧୁ ନିମନ୍ତ୍ରଣ କରାଯାଇଥାଏ। ଘରକୁ ଘର, ଗାଆଁକୁ ଗାଆଁ ବନ୍ଧୁ ଘରେ ଯାଇ ବନ୍ଧୁ ନିମନ୍ତ୍ରଣ ଦେଇ ନିଜ ପୁଅ କିମ୍ବା ଝିଅ ଙ୍କ ବିବାହ ଓ ବ୍ରତ ପାଇଁ ନିମନ୍ତ୍ରଣ କରି ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲୋଡ଼ିଥାନ୍ତି। ପିଲାଦିନୁ ଦେଖିଆସିଛୁ ବିବାହ କି ବ୍ରତ ଉତ୍ସବର ବହୁ ପୂର୍ବରୁ ବନ୍ଧୁମାନେ ବି ନିଜନିଜର ସାଧ ମତେ ଶଗଡ଼ଗାଡ଼ି ରେ ଆଳୁ, ପିଆଜ ବସ୍ତା, କଞ୍ଚା କଦଳୀ କାନ୍ଦି, ଖମ୍ବ ଆଳୁ, ସାରୁ ଓ ବିଭିନ୍ନ ପ୍ରକାର ର କଞ୍ଚା ପନିପରିବା ବନ୍ଧୁ ଘରକୁ ବେଭାର ସ୍ୱରୂପ ପଠାଇ ବନ୍ଧୁଙ୍କୁ ସାହାଯ୍ୟ କରିଥାନ୍ତି। ଆଉ କିଛି ବନ୍ଧୁ ତ ବେଦୀ, ଛାମୁଣ୍ଡିଆ, ଚୁଲି ଖୋଳିବା, ହଣ୍ଡାହାଣ୍ଡି ସଂଗ୍ରହ ନିମିତ୍ତ ନିଜେ ସପ୍ତାହ ଆଗରୁ ପହଞ୍ଚିଥାନ୍ତି ନତୁବା କିଛି ବିଶ୍ୱସ୍ତ ମୂଲିଆ ଙ୍କୁ ବନ୍ଧୁ ଘରକୁ ପଠାଇଥାନ୍ତି।

ଏବେ ଆସିବା ମୂଳ ପ୍ରସଙ୍ଗ କୁ। ଆଜିକାଲି ପ୍ରଥା ଓ ପରମ୍ପରା ବୁଡିଯିବା ସଙ୍ଗେ ସଙ୍ଗେ ସମ୍ପର୍କ ମଧ ସଙ୍କୁଚିତ ହୋଇ ସାରିଲାଣି। ଏକ ହଜାର ଲୋକଙ୍କୁ ଭୋଜିକୁ ଡକା ଯାଉଥିବା ବେଳେ ମାତ୍ର ପଚାଶ କିମ୍ବା ଶହେଟି ନିମନ୍ତ୍ରଣ କାର୍ଡ ଛାପା ହେଉଛି କେବଳ ବିଧି ରକ୍ଷା ପାଇଁ। ନିମନ୍ତ୍ରଣ କରୁଥିବା ଲୋକର ଆଜିକାଲି ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଆଗ୍ରହ ନାହିଁ କି ସମୟ ମଧ ନାହିଁ।



ଅନ୍ୟ ପଟେ ନିମନ୍ତ୍ରଣ ପାଇବା ଲୋକ ର ବି ଆଗ୍ରହ ନାହିଁ ବନ୍ଧୁଟି ଘରକୁ ଆସି ନିମନ୍ତ୍ରଣ କରୁ ବୋଲି। ତେଣୁ ସେମାନେ ବି କହିଦେଉଛନ୍ତି ହ୍ୱାଟସଆପ୍ ରେ ଇ-କାର୍ଡ ପଠାଇ ଦିଅ, ମୁଁ ମୋବାଇଲ ଫୋନରେ ରିମାଇଣ୍ଡର ସେଟ୍ କରି ଭୋଜି ଦିନ ପହଞ୍ଚି ଯିବି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସମ୍ପର୍କ ଆଜି କେତେ ସଙ୍କୁଚିତ ହେବାକୁ ବସିଲାଣି। ବନ୍ଧୁଟିଏ ବନ୍ଧୁ ଦୁଆରେ ଆସି ପହଁଚିଲେ କେତେ ଆତ୍ମୀୟତା ବଢେ , ଦୁଃଖ, ସୁଖ ଆଲୋଚନା କଲେ ଦୁଃଖ ଲାଘବ ସହିତ ସୁଖ ବା ଖୁସି ଦ୍ୱିଗୁଣିତ ହୋଇଥାଏ। ଏକଥାର ମହତ୍ୱ କୁ କେହି ଆଜିବୁଝି ପାରୁନାହାଁନ୍ତି।

ପୌରାଣିକ ମତ ଅନୁଯାୟୀ ନିମନ୍ତ୍ରଣ ପତ୍ର ଆମ ଧର୍ମୀୟ ସଂସ୍କୃତି ସହିତ ଅଙ୍ଗାଙ୍ଗି ଭାବେ ଜଡ଼ିତ। ଦେବଦେବୀଙ୍କ ନିମନ୍ତ୍ରଣ ପରେ ଛାପା ଯାଇଥିବା ନିମନ୍ତ୍ରଣ ପତ୍ର ରେ ପୂଜା ହଳଦୀ ର ସ୍ୱର୍ଶ ଦିଆଯାଇ ଠାକୁରଙ୍କୁ ପ୍ରଥମେ ସମର୍ପଣ ପୂର୍ବକ ପ୍ରଦାନ କରାଯାଇଥାଏ। ସେହି ନିମନ୍ତ୍ରଣ ପତ୍ର କୁ ଯେତେ ପରିଶ୍ରମ ପଡୁ ପଛକେ ବନ୍ଧୁ ପାଖରେ ପହଞ୍ଚି ବନ୍ଧୁ ଓ ତାଙ୍କ ପରିବାରକୁ ଲୋଡିଲେ ଦେବଦେବୀ ଙ୍କ ଆଶୀର୍ବାଦ ମିଳେ। ଖୁସି ବାଣ୍ଟିହେବା ସହ ପୁଅ ଝିଅଙ୍କର ମଙ୍ଗଳ ହୋଇଥାଏ। ଏହି ସବୁ ଦେବ ନୀତି ଓ ପ୍ରଥାକୁ ସମ୍ମାନ ଦେଇ ଯଦି



ଆଜିକାର ବାପ-ମାଆ ମାନେ ନିଜ ପୁଅ ଝିଅଙ୍କ ବିବାହ କରନ୍ତେ ତେବେ ସବୁ ଜିନିଷ ଦୀର୍ଘସ୍ଥାୟୀ ହୋଇପାରନ୍ତା। ପୁଅଟି ବ୍ରତଘର ପରେ ନିଜ ପଇତାର ମର୍ଯ୍ୟାଦା ରଖନ୍ତା ଓ ପୁଅଝିଅ ମାନଙ୍କର ଏତେ ସହଜରେ ବିବାହ ବିଚ୍ଛେଦ ଘଟନ୍ତା ନାହିଁ। ଯଥାରୀତି ନିମନ୍ତ୍ରଣ ଦେଉଥିବା ଲୋକର ଘର ହୋଇଯାଇ ଥାଏ ମନ୍ଦିର, ସମସ୍ତ ଦେବଦେବୀ ଆଶୀର୍ବାଦ ଦେବା ପାଇଁ ସେଠାରେ ଆସି ପହଞ୍ଚିଥାନ୍ତି ଅନ୍ୟ ପଟେ ନିମନ୍ତ୍ରଣ ପାଇ ଆସୁଥିବା ବନ୍ଧୁମାନଙ୍କ ପବିତ୍ର ମନ ଓ ଶୁଭକାମନା ପାଇଁ ସମସ୍ତ ଶୁଭକାମ ସୁରୁଖୁରୁରେ ସମ୍ପାଦିତ ହୋଇଥାଏ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଟି ହେଲା ନିମନ୍ତ୍ରଣ କାର୍ଡ ଛାପା ଶିଳ୍ପ ଆଜି ବୁଡିଯିବାକୁ ବସିଲାଣି। ଏହି ଶିଳ୍ପ ସହ ସଂପୃକ୍ତ କିଛି କୁଶଳୀ ଓ କିଛି ଅଣକୁଶଳୀ ଗରିବ ପରିବାର ଯୋଡି ହୋଇ ରହିଥାନ୍ତି। ନିମନ୍ତ୍ରଣ ପତ୍ର ବିକ୍ରି ହେଉଥିବା ଦୋକାନ ରେ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାରର କାର୍ଡ ଦେଖାଇ ପସନ୍ଦ ନିମିତ୍ତ ସୁଯୋଗ ଦେଉଥିବା କିଛି ଅଣକୁଶଳୀ କର୍ମଚାରୀ ରହିଥାନ୍ତି, ଡି.ଟି.ପି କାମ ଜାଣିଥିବା କର୍ମଚାରୀ ବି ଥାଆନ୍ତି, ପ୍ରିଣ୍ଟ କରିବା ପାଇଁ କିଛି କର୍ମଚାରୀ ଥାଆନ୍ତି। ଆଜିର ସମୟରେ ହଜାର ଲୋକଙ୍କୁ ଭୋଜି ଖାଇବାକୁ ଡକା ଯାଉଥିବା ବେଳେ ପଚାଶ କିମ୍ବା ଶହେ କାର୍ଡ କିଣି ଛାପା ଯାଉଥିବାରୁ ଏହି ଛୋଟ ଅଣକୁଶଳୀ ଓ ସ୍ୱଳ୍ପକୁଶଳୀ କର୍ମଚାରୀ ମାନଙ୍କ ପେଟ ଆଜି ଅପୋଷା ହେବାକୁ ବସିଲାଣି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ଭୁବନେଶ୍ୱର କଟକ ରୋଡ ସ୍ଥିତ 'ବନ୍ଧନ' କାର୍ଡ ଦୋକାନର ସତ୍ୱାଧିକାରୀ ପାର୍ଥ କୁମାର ଦାସ। ତାଙ୍କ ମତ ଅନୁସାରେ ଆମେ କିଛି ବି ବ୍ୟବସାୟ କରି ବଞ୍ଚିଯିବୁ କିନ୍ତୁ ଏ ସ୍କ୍ରିନ୍ ପ୍ରିଣ୍ଟିଙ୍ଗ୍ କରୁଥିବା ଲୋକର ପରିବାର କେମିତି ଚଳିବ ? ଗ୍ରାହକ ଙ୍କୁ କାର୍ଡ ଦେଖାଉ ଥିବା ଓ ଡି.ଟି.ପି କାମ କରୁଥିବା ଲୋକର ପରିବାର କେମିତି ବଞ୍ଚିବେ ? ପ୍ରଥା ଓ ପରମ୍ପରା ବଞ୍ଚି ରହିବା ଉଦ୍ଦେଶ୍ୟରେ ଶ୍ରୀ ଦାସ ଆର୍ଥିକ ପରିସ୍ଥିତି ଭଲ ନଥିବା କିଛି ଗ୍ରାହକ ମାନଙ୍କୁ ନିଜ ହାତରୁ ନିମନ୍ତ୍ରଣ କାର୍ଡ ଓ ଛାପା ଖର୍ଚ୍ଚ ବହନ କରି ସହଯୋଗର ହାତ ବଢାଇଥାନ୍ତି। ପରିଶ୍ରମ ପଡୁ ପଛକେ ଲୋକମାନେ ଅଧିକ ରୁ ଅଧିକ ନିମନ୍ତ୍ରଣ ପତ୍ର ଛପାଇ ବନ୍ଧୁ ଦୁଆରକୁ ଯିବାକୁ ଚେଷ୍ଟା କରନ୍ତୁ। ଡିଜିଟାଲ୍ ଜୀବନରୁ ବାହାରି ନିଜ ଲୋକ ଓ ତାର ପରିବାରକୁ ଭେଟି ଦୁଃଖସୁଖ ବାଣ୍ଟିବାର ଏହା ହେଉଛି ଏକ ସୁବର୍ଣ୍ଣ ସୁଯୋଗ। ଏହାକୁ କେହି ମଧ ହାତ ଛଡା କରିବା ଉଚିତ୍ ନୁହେଁ। ଏହା ଦ୍ୱାରା ସମ୍ପର୍କ ବିସ୍ତାରିତ ହେବା ସଙ୍ଗେ ସଙ୍ଗେ ଆମ ପରବର୍ତ୍ତୀ ପିଢ଼ି ଏହି ପ୍ରଥାକୁ ଅନୁକରଣ କରି ଆମ ଠାରୁ କିଛି ଶିଖି ପାରନ୍ତେ। ଏଥି ସହ ଆମେ ଆହ୍ୱାନ ଦେବାକୁ ଚାହୁଁଛୁ ଯେ ଆପଣମାନେ ରୀତି ନୀତି ପରମ୍ପରା କୁ ଗୁରୁତ୍ୱ ଦେଇ ନିମନ୍ତ୍ରଣ ପତ୍ର କିମ୍ବା ଗୁଆ ପାତ୍ରି ଦେଖାଇ ବନ୍ଧୁ ଦୁଆରେ ପହଞ୍ଚି ଶୁଭ କାର୍ଯ୍ୟ ପାଇଁ ନିମନ୍ତ୍ରଣ କରନ୍ତୁ। ସମ୍ପର୍କ କୁ ସଂକୁଚିତ ନ କରି ବିସ୍ତାରିତ କରନ୍ତୁ।

FOR EXCLUSIVE WEDDING CARDS

ବନ୍ଧନ® ସୁ-ସମ୍ପର୍କ ଗଢେ

ପ୍ରଥା ପରମ୍ପରାକୁ ଦେବାକୁ ସମ୍ମାନ ।
ବନ୍ଧନ ପରିବାର କରେ ନିବେଦନ ।

Bandhan® ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

# ଡ. ଆମ୍ବେଦକରଙ୍କ ପଞ୍ଚତୀର୍ଥ



ସର୍ବେଶ୍ୱର ବେହେରା

ଡ. ଆମ୍ବେଦକର ନିଜର କାର୍ଯ୍ୟଶୈଳୀ ମାଧ୍ୟମରେ ଭାରତରେ ତତ୍କାଳୀନ ବୁଦ୍ଧିଜୀବୀ, ଜନସାଧାରଣ ଓ ଔପନିବେଶିକ କ୍ଷମତାର ଧ୍ୟାନ ଆକୃଷ୍ଟ କରିଥିଲେ । ତତ୍କାଳୀନ ସମାଜ ବ୍ୟବସ୍ଥା ତାଙ୍କ କାର୍ଯ୍ୟ ଦ୍ୱାରା ଚିନ୍ତାଶୀଳ ହୋଇଥିଲା । ଅସ୍ପୃଶ୍ୟତା ନିବାରଣ ପାଇଁ ତାଙ୍କ ପ୍ରଚେଷ୍ଟା ସହିତ ସମରସତାପୂର୍ଣ୍ଣ ସାମାଜିକ ଜୀବନ ପାଇଁ ସେ ପ୍ରଚଣ୍ଡ ସାଧନା କରିଥିଲେ । ସାମନ୍ତବାଦୀ ମାନସିକତା ବିରୋଧରେ ସେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ । ସାମାଜିକ ସଂରଚନାର ଅବଧାରଣା ଓ ସମାବେଶୀ ସମାଜ ରଚନାର ସେ ପ୍ରଚଣ୍ଡ ପକ୍ଷଧର ଥିଲେ ।

ଡ. ଆମ୍ବେଦକରଙ୍କ ଜୀବନ ସମାଜର ସମସ୍ତ ବର୍ଗ ପାଇଁ ପ୍ରେରଣାଦାୟୀ । ସେ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ସେ ଅସ୍ପୃଶ୍ୟ ସମାଜ ଓ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ସମାଜ ମଧ୍ୟରେ ଶିକ୍ଷାର ବିସ୍ତାର ଚାହୁଁଥିଲେ । ଶିକ୍ଷା ବିନା ମନୁଷ୍ୟ ଜୀବନ ଅନ୍ଧକାର । ଏଣୁ ସେ ଚାହୁଁଥିଲେ ସମସ୍ତେ ଶିକ୍ଷିତ ହୁଅନ୍ତୁ । ଏଥିପାଇଁ ସେ କିଛି ସମୟ ଅଧ୍ୟାପନା କାର୍ଯ୍ୟ ମଧ୍ୟ କରିଛନ୍ତି । ବିଭିନ୍ନ ସମ୍ବାଦପତ୍ରର ସମ୍ପାଦନ କରି ବହୁ ଲେଖା ଦ୍ୱାରା ସମାଜ ଜାଗରଣ କାର୍ଯ୍ୟ କରିଛନ୍ତି । ତାଙ୍କ ଦ୍ୱାରା ସମ୍ପାଦିତ ସମ୍ବାଦପତ୍ର ମୂକନାୟକ, ଜନତା, ବହିଷ୍କୃତ ଭାରତ ଆଦିରେ ସେ ବହୁତ ଲେଖା ଲେଖିଛନ୍ତି । ସମଗ୍ର ଭାରତ ଶିକ୍ଷିତ ଓ ସଶକ୍ତ ହେଉ, ଏହା ତାଙ୍କର ସ୍ୱପ୍ନ ଥିଲା ।

ପୃଷ୍ଠା ପୁରୁଷ ଓ ଆମ୍ବେଦକରଙ୍କ ସଂକଳ୍ପ ଓ ପ୍ରେରଣାକୁ ସତତ ଜାଗତ କରିବା ପାଇଁ କେନ୍ଦ୍ର ସରକାର ତାଙ୍କ ନାମରେ ପଞ୍ଚତୀର୍ଥ ସ୍ଥାପନା କରିଛନ୍ତି । ଏହି ପଞ୍ଚତୀର୍ଥ ସମଗ୍ର ଭାରତୀୟମାନଙ୍କ ପାଇଁ ଆଜି ପ୍ରେରଣାର କେନ୍ଦ୍ର ପାଲଟିଛନ୍ତି । ଏଗୁଡ଼ିକ ହେଲା- ୧. ଜନ୍ମଭୂମି, ୨. ଶିକ୍ଷାଭୂମି, ୩. ଦୀକ୍ଷାଭୂମି, ୪. ମହାନିର୍ବାଣ ଭୂମି, ୫. ଚୈତ୍ୟ ଭୂମି। ଦେଶର ସମ୍ବିଧାନ ନିର୍ମାତା ଆମ୍ବେଦକରଙ୍କୁ ଏହାଦ୍ୱାରା ବିଶ୍ୱବ୍ୟାପି ସମ୍ମାନ ମିଳୁଛି । ତାଙ୍କର ଜୀବନ ସମ୍ବନ୍ଧିତ ଏହି ପଞ୍ଚତୀର୍ଥ ସ୍ଥାନକୁ ଦର୍ଶନ କରି ଆଜିର ନୂତନ ପିଢ଼ି ତାଙ୍କୁ ଅଧିକ ଜାଣିବା ପାଇଁ ଇଚ୍ଛୁକ ହେଉଛନ୍ତି । ସରକାରଙ୍କ ଦ୍ୱାରା ଏହି ପ୍ରଚେଷ୍ଟା ସର୍ବାଦୌ ପ୍ରଶଂସନୀୟ ।

ଭାରତୀୟ ସମାଜ ପାଇଁ ଡ. ଆମ୍ବେଦକରଙ୍କ ତ୍ୟାଗ ଓ ତପସ୍ୟା, ଯଶ ଓ କୀର୍ତ୍ତିକୁ ଏହି ପଞ୍ଚତୀର୍ଥରେ ଦର୍ଶାଯାଉଛି । ଏଗୁଡ଼ିକ ଆଜି କେବଳ ପର୍ଯ୍ୟଟନ ସ୍ଥଳ ହୋଇନାହିଁ, ବରଂ ଏହା ଆଜି ସମାଜ ଜାଗରଣର କେନ୍ଦ୍ର ପାଲଟିଛି । ଏହାଦ୍ୱାରା ଆଜି ବିଶ୍ୱରେ ଭାରତର ଛବି ଦ୍ୱିଗୁଣିତ ହେଉଛି । କାରଣ ତାଙ୍କର ଜୀବନାଦର୍ଶ ଓ କାର୍ଯ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ପ୍ରେରଣାର ସ୍ରୋତ । ସେଥି?ପାଇଁ ସମସ୍ତେ ତାଙ୍କର ସ୍ମାରକୀ ଦର୍ଶନ କରିବା ପାଇଁ ବ୍ୟାକୁଳ । ଏଗୁଡ଼ିକ ଦର୍ଶନ କରି ସମସ୍ତେ ଆଜି କୃତାର୍ଥ । ବିଶେଷକରି ଅନଗ୍ରସର ସମାଜ ମଧ୍ୟରେ ଏହି ସ୍ମାରକୀ ଗୁଡ଼ିକ ତୀର୍ଥସ୍ଥାନ ପାଲଟିଛି । ଏଗୁଡ଼ିକ ଦ୍ୱାରା ଭାରତ ବିକଶିତ ରାଷ୍ଟ୍ର ରୂପେ ପରିଗଣିତ ହେଉଛି ।

**ଜନ୍ମଭୂମି**

ଡ. ଆମ୍ବେଦକରଙ୍କ ୧୨୫ତମ ଜନ୍ମଜୟନ୍ତୀ ଅବସରରେ ଗତ ୨୦୧୬ ଏପ୍ରିଲ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଜନ୍ମସ୍ଥାନ ମଧ୍ୟପ୍ରଦେଶର ମହୁଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେ ସ୍ଥାନର ସମଗ୍ର ବିକାଶ କରି ତାହା ଆଜି ତୀର୍ଥସ୍ଥାନ ରୂପେ ବିକଶିତ ହୋଇଛି । ମହୁଠାରେ ଆମ୍ବେଦକର ୧୮୯୧ ଏପ୍ରିଲ ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜନ୍ମଶତବାର୍ଷିକୀରେ ୧୯୯୧ ଏପ୍ରିଲ ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ସୁନ୍ଦରଦାର ପଟୱା ଏକ ଭବ୍ୟ ସ୍ମାରକୀ ନିର୍ମାଣ କରିବା ପାଇଁ ଶୁଭ ପ୍ରଦାନ କରିଥିଲେ । ଏଥିପାଇଁ ସେ ୪.୪୨ ଏକର ଜମି ଆବଣ୍ଟନ କରିଥିଲେ । ବର୍ତ୍ତମାନ ଜନ୍ମଭୂମିରେ ସ୍ମାରକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ପରେ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦ ୨୦୧୮ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରତ୍ୟେକ ବର୍ଷ ଏପ୍ରିଲ ୧୪ ତାରିଖ ଦିନ ସେଠାରେ ବହୁ ସଂଖ୍ୟାରେ ସାଧାରଣ ଜନତା ବିଶେଷକରି ବୌଦ୍ଧ ଓ ଅନ୍ୟ ପର୍ଯ୍ୟଟକ ଶ୍ରଦ୍ଧା ସୁମନ ଅର୍ପଣ କରିଥାଆନ୍ତି । ଏହି ସ୍ମରକାର ସଂରଚନା ବୌଦ୍ଧ ସ୍ତୂପ ସଦୃଶ୍ୟ । ସ୍ମାରକାର ପ୍ରବେଶ ଦ୍ୱାରରେ ଆମ୍ବେଦକରଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଛି । ସ୍ମରକାରେ ହିନ୍ଦୀରେ 'ଭୀମ ଜନ୍ମଭୂମି' ମୂର୍ତ୍ତି ସହିତ ଉପରେ ଏକ ବଡ଼ ଅଶୋକ ଚକ୍ର ସ୍ଥାନୀତ ହୋଇଛି । ସ୍ମାରକ ସମ୍ମୁଖ ଭାଗ ଉପରେ ଦୁଇଟି ବୌଦ୍ଧ ଧ୍ୱଜ ଶୋଭା ପାଉଛି । ସ୍ମାରକର ମଧ୍ୟରେ ଆମ୍ବେଦକରଙ୍କ ଜୀବନାଦର୍ଶର ଅନେକ ଚିତ୍ର ଶୋଭା ପାଉଛି । ପର୍ଯ୍ୟଟକମାନେ ସେଠାରୁ ତାଙ୍କ ସମ୍ବନ୍ଧରେ ସମସ୍ତ ତଥ୍ୟ ଜାଣିପାରିବେ ।

**ଶିକ୍ଷାଭୂମି**

ଲଣ୍ଡନ ଠାରେ ଡ. ଆମ୍ବେଦକର ଉଚ୍ଚଶିକ୍ଷା ପ୍ରାପ୍ତ କରିଥିଲେ । ସେଠାରେ ସେ ଯେଉଁ ଘରେ ରହୁଥିଲେ ତାହା ଏକ ସ୍ମାରକୀରେ ପରିଣତ ହେଉ, ସେଥିପାଇଁ କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ୨୦୧୫ ମସିହାରେ ମହାରାଷ୍ଟ୍ରର ତତ୍କାଳୀନ ସରକାର ସେ ସ୍ଥାନକୁ କ୍ରୟ କରିଛନ୍ତି ଓ ତାହାକୁ ବିକଶିତ କରିଛନ୍ତି । ଏହି ଘରେ ଅଧ୍ୟୟନ କରି ସେ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ଡି.ଏସ.ସି କରିଥିଲେ । ତାଙ୍କର ଗବେଷଣାର ବିଷୟ ଥିଲା 'ପ୍ରବ୍ଲେମ

## ଏପ୍ରିଲ ୧୪ ଜୟନ୍ତୀ ଅବସରରେ

ଅଫ ଇଣ୍ଡିଆନ ରୂପି ଏହି ଶୋଧପତ୍ରରେ ସେ ଇଂରେଜ ସରକାର କିପରି ଭାରତକୁ ଅର୍ଥନୈତିକ ଶୋଷଣ କରୁଛନ୍ତି ତାହା ଦର୍ଶାଇଥିଲେ । ଇଂଲଣ୍ଡର ରାଜଧାନୀରେ ଅଧ୍ୟୟନ କରି ଇଂଲଣ୍ଡ ବିରୋଧରେ ନିଜର ଗବେଷଣା ପୁସ୍ତକ ମାଧ୍ୟମରେ ସେ ଯାହା ଦର୍ଶାଇଥିଲେ ତତ୍କାଳୀନ ଇଂରେଜ ଶିକ୍ଷାବିତମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ତାଙ୍କର ଏହି ସତସାହସ ଯୋଗୁଁ ସେ ଆଜି ପ୍ରଜ୍ଞାପୁରୁଷ । ଇଂରେଜ ପରୀକ୍ଷକ ତାଙ୍କର ଗବେଷଣାମୂଳକ ପୁସ୍ତକକୁ ଅଗ୍ରାହ୍ୟ କରିଦେଇଥିଲେ । ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ବିଭିନ୍ନ ସମ୍ବାଦପତ୍ରରେ ତାହାକୁ ଉଲ୍ଲେଖ କରିଥିଲେ । ତାଙ୍କର ଏହି ଲେଖା ଭାରତୀୟ ଅର୍ଥନୀତିରେ ଘୋର ପ୍ରଭାବ ବିସ୍ତାର କଲା । ଫଳସ୍ୱରୂପ ୧୯୩୪ ମସିହାରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସ୍ଥାପନା କରିବାକୁ ଇଂରେଜମାନେ ବାଧ୍ୟ ହୋଇଥିଲେ । ମହାରାଷ୍ଟ୍ର ସରକାର ସେ ସ୍ଥାନକୁ ବିକଶିତ କରି ସ୍ମାରକୀରେ ପରିଣତ କରିଛନ୍ତି । ସେଠାରେ ଏକ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇ ଆମ୍ବେଦକରଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଗବେଷଣା ଆଲେଖ୍ୟ ସଂଗୃହୀତ ଓ ଗଚ୍ଛିତ କରାଯାଇଛି । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଣ୍ଡନ ପ୍ରବାସ ସମୟରେ ଏହି ସ୍ମାରକୀକୁ ଶୁଭ ଉଦ୍‌ଘାଟନ କରିଥିଲେ ।

**ମହାନିର୍ବାଣ ଭୂମି**

ଡ. ଆମ୍ବେଦକରଙ୍କ ଦେହାବସାନ ୧୯୫୬, ଡିସେମ୍ବର ୬ ତାରିଖରେ ଦିଲ୍ଲୀର ୨୬ ଅଲ୍ଲୀପୁର ରୋଡ଼ସ୍ଥିତ ବଙ୍ଗଳାରେ ହୋଇଥିଲା । ତାହା ଏକ ରାଷ୍ଟ୍ରୀୟ ସ୍ମାରକୀ ରୂପେ ଶୋଭା ପାଉଛି ଓ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଏକ ରାଷ୍ଟ୍ରୀୟ ସଂଗ୍ରହାଳୟ ରୂପେ ଉଦ୍‌ଘାଟନ କରିଛନ୍ତି । ୧୬୨ କୋଟି ଆବଣ୍ଟନ କରି ସେଠାରେ ବହୁତଳ ବିଶିଷ୍ଟ ଗୃହ ନିର୍ମାଣ କରି ଡ. ଆମ୍ବେଦକରଙ୍କ ସମସ୍ତ ସ୍ମୃତି ଗଚ୍ଛିତ କରାଯାଇଛି । ୧୯୫୧ ମସିହାରେ ଡ. ଆମ୍ବେଦକର କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ପ୍ରଦାନ କରି ଏହି ୨୬, ଅଲିପୁର ରୋଡ଼ରେ ନିଜସ୍ୱ ଭବନରେ ମୃତ୍ୟୁ ପର୍ଯ୍ୟନ୍ତ ବସବାସ କରୁଥିଲେ । ଏହାକୁ ଏବେ ପବିତ୍ର ପରିନିର୍ବାଣ ସ୍ଥାନ ରୂପେ ନାମିତ କରାଯାଇଛି । ଏହି ସ୍ଥାନ ୭, ୩୭୪ ବର୍ଗ ମିଟର ମଧ୍ୟରୁ ୪୫୬୧ ବର୍ଗ ମିଟରରେ ଏହି ସ୍ମାରକୀ ନିର୍ମାଣ କରାଯାଉଛି । ଏହି ସ୍ଥାନ ଆଜି ସମସ୍ତ ଆମ୍ବେଦକର ପ୍ରେମୀ ଶ୍ରଦ୍ଧାଳୁମାନଙ୍କ ପାଇଁ ତୀର୍ଥସ୍ଥାନ ପାଲଟିଛି । ଏଠାରେ ତାଙ୍କର ଜୀବନୀ ସହିତ ସାମାଜିକ- ଆର୍ଥିକ ବିଷୟରେ ଅନୁସନ୍ଧାନ କରାଯାଉଛି । ତାଙ୍କ ସମ୍ବନ୍ଧରେ ଗବେଷଣା କରିବା ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନରେ ପରିଚିତ ହୋଇଛି ।

**ଦୀକ୍ଷାଭୂମି**

ଡ. ଆମ୍ବେଦକର ୧୯୫୬, ଅକ୍ଟୋବର ୧୪ ତାରିଖ ବିଜୟାଦଶମୀ ତିଥିରେ ମହାରାଷ୍ଟ୍ରର ନାଗପୁର ଠାରେ ନିଜର ୪ ଲକ୍ଷ ଅନୁଗାମୀଙ୍କ ସହିତ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇଥିଲେ । ଏହି ଦୀକ୍ଷାଭୂମି ସାମାଜିକ ଆନ୍ଦୋଳନକାରୀଙ୍କ ପାଇଁ ଏକ ପ୍ରେରଣା ଭୂମି ପାଲଟିଛି । ଏହି ସ୍ଥାନରେ ବିଶ୍ୱର ସର୍ବଶ୍ରେଷ୍ଠ ବୌଦ୍ଧ ସ୍ତୂପ ନିର୍ମାଣ କରାଯାଇଛି । ନାଗପୁରର ନଗରଠାରେ ଏକ ବିରାଟ ସ୍ତୂପ ନିର୍ମାଣ କରାଯାଇଛି । ଏହି ସ୍ତୂପରୁ ୧୯୭୮ ଜୁଲାଇ ମାସରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଦୀର୍ଘଦିନ ପରେ ୨୦୦୧ ଡିସେମ୍ବର ୧୮ ତାରିଖରେ ଏହାର ଶୁଭ ଉଦ୍‌ଘାଟନ ଭାରତର ରାଷ୍ଟ୍ରପତି ଶ୍ରୀ କେ.ଆର.ନାରାୟଣଙ୍କ ଦ୍ୱାରା ହୋଇଥିଲା । ଦ୍ୱିତଳ ବିଶିଷ୍ଟ ସ୍ତୂପଟି ୪୦୦୦ ବର୍ଗ ଫୁଟ । ଏକ ସମୟରେ ଏଠାରେ ପ୍ରାୟ ୫୦୦୦ ସନ୍ନ୍ୟାସୀମାନଙ୍କର ସଭା ଅନୁଷ୍ଠିତ ହୋଇପାରୁଛି । ତା' ସହିତ ଗ୍ରନ୍ଥାଗାର, ଫଟୋ ପ୍ରଦର୍ଶନୀ, ତାଙ୍କ ଜୀବନର ଘଟଣା ସମ୍ବଳିତ ତଥ୍ୟ ସବୁ ସେଠାରେ ଗଚ୍ଛିତ ଅଛି । ଚାରି ଦ୍ୱାର ବିଶିଷ୍ଟ ସ୍ତୂପର ଉପରେ ଅଶୋକ ଚକ୍ର ବିଦ୍ୟମାନ । ତାଙ୍କର ୧୨୫ତମ ଜନ୍ମଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ପ୍ରଥମ ଶ୍ରେଣୀ ପର୍ଯ୍ୟଟନ ସ୍ଥାନ ରୂପେ ଘୋଷଣା କରିଛନ୍ତି । ଏହାକୁ ଅଧିକ ବିକଶିତ କରିବା ପାଇଁ ଅର୍ଥ ଆବଣ୍ଟନ କରିଛନ୍ତି ।

**ଚୈତ୍ୟଭୂମି**

ମୁମ୍ବାଇ ସ୍ଥିତ ଚୈତ୍ୟଭୂମିରେ ଡ. ଆମ୍ବେଦକର ସ୍ମାରକକୁ ବିକଶିତ କରାଯାଇ ଏହାକୁ ଭବ୍ୟ ରୂପ ପ୍ରଦାନ କରାଯାଇଛି । ୨୦୧୫ ଅକ୍ଟୋବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଭୂମି ପୂଜନ କରିଛନ୍ତି । ଆମ୍ବେଦକରଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଏହିଠାରେ ଶୋଭା ପାଇବ । ୪୫୦ ଫୁଟ ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ପୃଥିବୀର ତୃତୀୟ ଉଚ୍ଚ ମୂର୍ତ୍ତି ରୂପେ ନିର୍ମାଣାଧୀନ ଅଛି । ଏହା ଆଗାମୀ ୨୦୨୬ ମେ' ମାସରେ ପୂର୍ଣ୍ଣାଙ୍ଗ ହେବ ବୋଲି ଧାର୍ଯ୍ୟ ଅଛି । ଏଥିରେ ୪୨୫ କୋଟି ଅର୍ଥ ବ୍ୟୟ ହେବ । ଅର୍ଦ୍ଧାଧିକ କାର୍ଯ୍ୟ ସମ୍ପନ୍ନ ହୋଇ ସାରିଲାଣି । ମୁମ୍ବଇର ନାଦର ଠାରେ ଡ. ଆମ୍ବେଦକରଙ୍କ ସ୍ମୃତି ଚିହ୍ନକୁ ଚୈତ୍ୟଭୂମି କୁହାଯାଉଛି । ସବୁ ସ୍ଥାନ ପରି ଏଠାରେ ମଧ୍ୟ ଆମ୍ବେଦକରଙ୍କର ସମସ୍ତ ସ୍ମୃତିଚିହ୍ନ, କାର୍ଯ୍ୟାବଳୀର ଫଟୋ ପ୍ରଦର୍ଶନୀ ଆଦି ଶୋଭା ବର୍ଦ୍ଧନ କରିବ । ଏହା ନିକଟରେ ଏକ ବିଶାଳ ବିପାସନା ଗୃହ ନିର୍ମାଣାଧୀନ ଅଛି । ଯେଉଁଠାରେ ଏକ ସମୟରେ ପ୍ରାୟ ୧୩,୦୦୦ ଶ୍ରଦ୍ଧାଳୁ ଏକତ୍ର ଧ୍ୟାନ କରିପାରିବେ । ତା' ସହିତ ଏକ ବୃହତ ଗ୍ରନ୍ଥାଗାର ମଧ୍ୟ ନିର୍ମାଣ ହୋଇଛି ।

ଆମ୍ବେଦକରଙ୍କ ଦର୍ଶନ, ସାହିତ୍ୟ, ସାପ୍ତାହିକ ସନ୍ଦେଶ ଲୋକଲୋଚନରେ ପ୍ରସାରିତ ହେଉଛି । ଏହାକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ ଉପରୋକ୍ତ ପଞ୍ଚତୀର୍ଥ ପ୍ରେରଣା ସ୍ତମ୍ଭ ସାବ୍ୟସ୍ତ ହେବ । ଆମ୍ବେଦକରଙ୍କ ବିଚାର କାଳଜୟୀ । କେବଳ ସମସ୍ତ ଜନସାଧାରଣ ତାଙ୍କର ରାଷ୍ଟ୍ରୀୟ ବିଚାର ଓ ଆଦର୍ଶ ଜୀବନ ମୂଲ୍ୟକୁ ଆତ୍ମସାତ କରି ଅଙ୍ଗୀକାର କରିବାର ସମୟ ଆଜି ଉପନୀତ । ଏଣୁ କେନ୍ଦ୍ର ସରକାର ଆମ୍ବେଦକରଙ୍କ ସହିତ ଯୋଡ଼ା ଯାଇଥିବା ସମସ୍ତ ସ୍ଥାନକୁ ପଞ୍ଚତୀର୍ଥ ରୂପେ ବିକଶିତ କରିଛନ୍ତି ।

ଆଡ଼ଭୋକେଟ, ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪

# ଓପସ୍ସମ

## ଜୀବଜଗତ



କାର୍ତ୍ତିକ ଚନ୍ଦ୍ର ପଣ୍ଡା

ଏକ ବିଚିତ୍ର ଚତୁଷ୍ପଦ ପ୍ରାଣୀ ଓପସ୍ସମ, ବ୍ରାଜିଲର ଉତ୍ତର-ପୂର୍ବ ଘଞ୍ଚ ଜଙ୍ଗଲରେ



ଦେଖିବାକୁ ମିଳନ୍ତି । ଏହି ବିରଳ ପ୍ରଜାତି ଜୀବଟିର ଦାମ୍ପତ୍ୟ ଜୀବନ ଖୁବ୍ ସ୍ୱଳ୍ପ ଅବଧି ଭିତରେ ଶେଷ ହୋଇଥାଏ । ଏହି ପ୍ରଜାତିର ବୈଜ୍ଞାନିକ ନାମ Brazilian slender opossums । ଏମାନଙ୍କ ସ୍ୱାଭାବିକ ଜୀବନ କାଳ ୧ ବର୍ଷରୁ ୨ ବର୍ଷ ତେବେ ଚିଡିଆଖାନାରେ ଏମାନେ ଅଧିକ ଦିନ ବଞ୍ଚନ୍ତି ।

ଏମାନଙ୍କ ଦାମ୍ପତ୍ୟ ଜୀବନର ଦୁଃଖଦ ପରିସମାପ୍ତି ଘଟୁଥିବାରୁ, କେତେକ ଏମାନଙ୍କୁ ରୋମିଓ ଜୁଲିଏଟ୍ ଆଖ୍ୟା ଦେଇଥାନ୍ତି ।

ସାଥିସହ ପ୍ରଣୟ ମିଳନର ଠିକ୍ ପରେପରେ, ପୁରୁଷ ଓପସ୍ସମର ମୃତ୍ୟୁ ଘଟେ । ପ୍ରକୃତିର ବିଚିତ୍ର ନିୟମ ଅନୁଯାୟୀ, ମା' ଓପସ୍ସମ ସନ୍ତାନ ଜନ୍ମଦେବା ପର୍ଯ୍ୟନ୍ତ ବଞ୍ଚି ରହେ । ପ୍ରାୟ ତିନିଟିରୁ ଦଶଟି ଶାବକ ଜନ୍ମ ଦେଲା ପରେ, ତାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ସମ୍ପୂର୍ଣ୍ଣ ରୂପେ ଲୋପ ପାଏ । ଶରୀର ସଂପୂର୍ଣ୍ଣ ଲୋମଶୂନ୍ୟ ହୋଇ ସେ ମୃତ୍ୟୁ ମୁଖରେ ପଡେ ।

ସୃଷ୍ଟିର ବୈଚିତ୍ର ଅନୁଯାୟୀ, ଶାବକମାନେ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ବଡ ହୁଅନ୍ତି ଓ ପିତାମାତାଙ୍କ ପରି ସମଦଶା ଭୋଗନ୍ତି ।

କେବଳ ଓପସ୍ସମ ନୁହେଁ, ସୃଷ୍ଟି-ସର୍ଜନାର ବୈଚିତ୍ର ଅନୁଯାୟୀ, ଥରେ ମାତ୍ର ପ୍ରଣୟ-ମିଳନ କରି ମୃତ୍ୟୁ ବରଣ କରୁଥିବା ଅନ୍ୟ ଜୀବମାନେ ହେଲେ ଅକ୍ଟୋପସ, ମହୁମାଛି (କେବଳ ନର ପ୍ରଜାତି) ପୁରୁଷ-ବୁଢିଆଣୀ, ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଏଣ୍ଡୁଅ, ଝିଣ୍ଟିକା, ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପୁରୁଷ- ଗୁଣ୍ଡୁଚି ମୂଷା ଓ ଆହୁରି ଅନେକ ସାମୁଦ୍ରିକ ଜୀବ ।

ଚୁଚୁନ୍ଦ୍ରା Antechinus ( male) ନାମକ ଏକ ମୂଷା ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦୀର୍ଘ ୧୪ ଘଣ୍ଟା ଧରି ସହବାସ କଲା ପରେ ମୃତ୍ୟୁ ମୁଖରେ ପଡିଥାଏ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ପ୍ରତିଶ୍ରୁତି ରକ୍ଷାକଲା ବିଜେପି, ଆରମ୍ଭ ହେଲା 'ଆୟୁଷ୍ମାନ ଭାରତ' ଯୋଜନା

କଟକ(ଭିଓଭି): ରାଜ୍ୟରେ ଆଜି 'ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ' ଯୋଜନା ଆରମ୍ଭ ହୋଇଛି। କଟକ ବାଲିଯାତ୍ରା ପଡ଼ିଆରେ ଏହାକୁ ଲୋକାର୍ପଣ କରି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର କାମ କରୁଥିବାରୁ ଏହାକୁ ସଫଳତାର ସହିତ ଲାଗୁ କରାଯାଇପାରିଛି ବୋଲି କହିଛନ୍ତି। ସାଧାରଣ ନିର୍ବାଚନ ସମୟରେ 'ଆୟୁଷ୍ମାନ ଭାରତ ଯୋଜନା' ଲାଗୁ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନର ଗୋଟିଏ ବର୍ଷ ପୂରଣ ହେବା ପୂର୍ବରୁ ସେହି ପ୍ରତିଶ୍ରୁତି ପୂରଣ ହେଲା। 'ଆୟୁଷ୍ମାନ ଭାରତ' ହେଉଛି ବିଶ୍ୱର ସବୁଠାରୁ ବୃହତ୍ ସ୍ୱାସ୍ଥ୍ୟ ଯୋଜନା। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିର ଫଳ। ଦେଶର ୫୫ କୋଟି ଲୋକ ବର୍ତ୍ତମାନ 'ଆୟୁଷ୍ମାନ ଭାରତ'ରେ ଯୋଡ଼ି ହୋଇଛନ୍ତି। ଅଙ୍ଗନବାଡ଼ି, ଆଶାକର୍ମୀଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଇଛି। ତୃତୀୟ ଥର ପ୍ରଧାନମନ୍ତ୍ରୀ ହେଲା ପରେ ମୋଦୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କୁ ଏହି ଯୋଜନାରେ ସାମିଲ କରିଛନ୍ତି। ଓଡ଼ିଶାର ୧ କୋଟି ୩ ଲକ୍ଷ ପରିବାରରୁ ୩ କୋଟି ୫୧ ଲକ୍ଷ ଲୋକ ଏହି ଯୋଜନାରେ ଏବେ ସାମିଲ ହୋଇଛନ୍ତି। ଦେଶର ଯେ କୌଣସି ସ୍ଥାନରେ ଏହି ଯୋଜନାର ସୁଫଳ ଓଡ଼ିଶାବାସୀ ପାଇ ପାରିବେ ବୋଲି ଶ୍ରୀ ନଡ୍ଡା କହିଛନ୍ତି।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ରାଜ୍ୟର ୧ କୋଟି ୩ ଲକ୍ଷ ପରିବାର ପାଇଁ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ଲାଗୁ ହୋଇଛି। ଏହି ସ୍ୱାସ୍ଥ୍ୟ କାର୍ଡ ଓଡ଼ିଶା ସହିତ ରାଜ୍ୟ



ବାହାରେ ଥିବା ୨୯ ହଜାର ଡାକ୍ତରଖାନାରେ କାମ କରିବ। ଏହି କାର୍ଡ ଆଗାମୀ ୩ ମାସ ମଧ୍ୟରେ ସମସ୍ତଙ୍କ ପାଖରେ ପହଞ୍ଚିବ। 'ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା' ୬ ବର୍ଷ ପୂର୍ବରୁ ଲାଗୁ ହେବାର ଥିଲା। କିନ୍ତୁ ତତ୍କାଳୀନ ସରକାର ଏହାକୁ ଲାଗୁ କରି ନଥିଲେ। ଏବେ ଏହି ଯୋଜନାରେ ୭୦ ବର୍ଷରୁ ଅଧିକ ବୟସର ୨୩ ଲକ୍ଷ ଲୋକ ସଂପୂର୍ଣ୍ଣ ମାଗଣା ଚିକିତ୍ସା ପାଇବେ। ରାଜ୍ୟରେ ଗତ ୧୦ ମାସ ମଧ୍ୟରେ ୪ ହଜାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆହୁରି ୫୩୭୪ ଡାକ୍ତରଙ୍କୁ ନିଯୁକ୍ତି ମିଳିବ। ଆଗାମୀ ଦିନରେ ଭଦ୍ରକ, ଜଗତସିଂହପୁର, ନବରଙ୍ଗପୁର ଓ ଢେଙ୍କାନାଳ ଜିଲ୍ଲାରେ ମେଡିକାଲ କଲେଜ ହେବ। ଅନ୍ୟ ୪ଟି ଜିଲ୍ଲାରେ ଡେଣ୍ଟାଲ୍ କଲେଜ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ସମାରୋହରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, କଟକ ସାଂସଦ ଭର୍ତ୍ତୃହରି ମହତାବ, କେନ୍ଦ୍ରାପଡ଼ା ସାଂସଦ ବେ?ଜୟନ୍ତ ପଣ୍ଡା, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତୀ ଏସ. ସ୍ୱାଗତ ଭାଷଣ ଦେଇଥିବାବେଳେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ଡି. ବୃନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧୩୪ଟି ପଦ ପୂରଣ ପାଇଁ ରାଜ୍ୟରେ ହେବ ଉପନିର୍ବାଚନ

ଭୁବନେଶ୍ୱର, (ଭିଓଭି): ରାଜ୍ୟର ପଞ୍ଚାୟତ ସ୍ତରରେ ଖାଲି ପଡ଼ିଥିବା ୧୧୩୪ଟି ପଦ ପୂରଣ ପାଇଁ ଉପନିର୍ବାଚନ ନିମନ୍ତେ ପ୍ରାଥମିକ ପଦକ୍ଷେପ ରାଜ୍ୟ ନିର୍ବାଚନ କମିଶନଙ୍କ ତରଫରୁ ଆରମ୍ଭ କରାଯାଇଛି। ସେଥି ମଧ୍ୟରୁ ୫ଟି ଜିଲା ପରିଷଦ ସଭ୍ୟ, ୪୧ଟି ପଞ୍ଚାୟତ ସମିତି ସଦସ୍ୟ, ୪୫ଟି ସରପଞ୍ଚ, ୨୭୨ଟି ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ ହେଉଥିବାବେଳେ ୭୭୧ଟି ୱାର୍ଡରେ ନୂତନ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷିତ ବର୍ଗ ପାଇଁ ଉଦ୍ଦିଷ୍ଟ ଥିବା ୭୭୧ଟି ୱାର୍ଡରେ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ନ ଥିବାରୁ ଉକ୍ତ ୱାର୍ଡ ଗୁଡ଼ିକରେ ନିର୍ବାଚନ ବନ୍ଦ ରହିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୃକ୍ତ ଜିଲାପାଳଙ୍କ ସୁପାରିସକ୍ରମେ ଉକ୍ତ ୱାର୍ଡଗୁଡ଼ିକୁ ଅଣସଂରକ୍ଷିତ କରାଯିବା ପରେ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ସଚିବଙ୍କ ସୂଚନା ଅନୁଯାୟୀ, ଉକ୍ତ ୱାର୍ଡଗୁଡ଼ିକ ପାଇଁ ଏପ୍ରିଲ ୧୭ରୁ ୨୨ ତାରିଖ ମଧ୍ୟରେ ନିର୍ବାଚନ ଅଧିକାରୀମାନେ କେନ୍ଦ୍ର ନିର୍ବାଚନ ଆୟୋଗ



ଦ୍ୱାରା ପ୍ରକାଶିତ ଭୋଟର ତାଲିକାରୁ ସମ୍ପୃକ୍ତ ୱାର୍ଡ ୱାରି ଭୋଟର ତାଲିକା ପ୍ରସ୍ତୁତ କରିବେ। ଏପ୍ରିଲ ୨୪ରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ମୁଖ୍ୟାଳୟରେ ୱାର୍ଡୱାରି ପ୍ରାଥମିକ ଭୋଟର ତାଲିକା ପ୍ରକାଶନ ହେବ। ଆସନ୍ତା ୩୦ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ମେ ୨ରୁ ୫ ତାରିଖ ମଧ୍ୟରେ ସମ୍ପୃକ୍ତ ଅଭିଯୋଗଗୁଡ଼ିକୁ ବିଚାରକୁ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ସଂଶୋଧିତ ଭୋଟର ତାଲିକାକୁ ନିର୍ବାଚନ ଅଧିକାରୀମାନେ ମେ ୯ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ପ୍ରଦାନ କରିବେ ବୋଲି ଉଲ୍ଲେଖ କରାଯାଇଛି।

## ୪ ଜିଲ୍ଲାରେ ପ୍ରତିଷ୍ଠା ହେବ ନୂଆ ମେଡିକାଲ କଲେଜ

ଭୁବନେଶ୍ୱର(ଭିଓଭି):: ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଜନସାଧାରଣଙ୍କ ଚିକିତ୍ସା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଚିକିତ୍ସା ସେବା ବ୍ୟବସ୍ଥା ଆହୁରି ଅଧିକ ମଜବୁତ ହେବ। ଭଦ୍ରକ, ଜଗତସିଂହପୁର, ଢେଙ୍କାନାଳ ଏବଂ ନବରଙ୍ଗପୁର ଜିଲ୍ଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ରାଜ୍ୟରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ' ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଏହା କହିଛନ୍ତି। କଟକ ତଳବାଲିଯାତ୍ରା ପଡ଼ିଆରେ ଆୟୋଜିତ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ଭାରତ ବୟୋ ବନ୍ଦନା ଯୋଜନା'ର ଶୁଭାରମ୍ଭ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ୪ଟି ନୂଆ ମେଡିକାଲ କଲେଜ୍ ପ୍ରତିଷ୍ଠା ପାଇଁ ଚଳିତ ବର୍ଷ ବଜେଟରେ ବ୍ୟୟ ବରାଦ ହୋଇଛି। ଖୁବଶୀଘ୍ର ନବ ନିର୍ମିତ ୨ଟି ମେଡିକାଲ



କଲେଜର ମଧ୍ୟ ଶୁଭ ଉଦ୍?ଘାଟନ କରାଯିବ। ଡାକ୍ତରଖାନାରେ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଗତ ୧୦ ମାସ ଭିତରେ ରାଜ୍ୟରେ ପର୍ଯ୍ୟାୟ କ୍ରମେ ଖାଲିଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦିଆଯାଉଛି। ବିଗତ ଦିନରେ ତିନିଟି ପର୍ଯ୍ୟାୟରେ ୪ ହଜାର ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଦିନରେ ଆହୁରି ୫ ହଜାର ୩୭୪ ଡାକ୍ତର, ଦନ୍ତ ଚିକିତ୍ସକ ପଦବି ପୂରଣ ପାଇଁ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର ଏହି ପଦବି ଗୁଡିକରେ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଏକ ଐତିହାସିକ ଦିନ। ଓଡ଼ିଶାର ବିକାଶ ଇତିହାସରେ ଆଜି ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ି ହୋଇଛି। ୬ ବର୍ଷ ପୂର୍ବରୁ ରାଜନୈତିକ କାରଣରୁ ଆୟୁଷ୍ମାନ ଭାରତ ଯୋଜନା ଗତ ସରକାର ଲାଗୁ କରିନଥିଲେ। କିନ୍ତୁ ରାଜ୍ୟରେ ନୂଆ ସରକାର ଆସିବା ପରେ ଆଜି ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇଛି। ଓଡ଼ିଶା ବାହାରେ ମଧ୍ୟ ଏବେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ଓଡ଼ିଆ ଲୋକ। ସରକାରୀ ଓ ବେସରକାରୀ ମେଡିକାଲରେ ସେବା ମିଳିବ। ୩ଟି ରାଜ୍ୟରେ ଲାଗୁ ହୋଇନଥିଲା ଆୟୁଷ୍ମାନ ଭାରତ ଯୋଜନା। ଗତକାଲି ଦିଲ୍ଲୀରେ ଲାଗୁ ହେଲା ଏବଂ ଆଜି ଓଡ଼ିଶାରେ ଲାଗୁ ହୋଇଛି।

## ୱାକଫ୍ ଆଇନ ସପକ୍ଷରେ ଆମେ ନାହୁଁ : ମମତା ବାନାର୍ଜୀ

କୋଲକାତା (ଭିଓଭି): ହିଂସା ଘଟଣା ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରଥମ ପ୍ରତିକ୍ରିୟା ଆସିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ନିବେଦନ କରି କହିଛନ୍ତି, 'ଆମେ ଏହି ଆଇନର ସପକ୍ଷରେ ନାହୁଁ। ଯଦି ପଶ୍ଚିମବଙ୍ଗରେ ୱାକଫ୍ ଆଇନ ଲାଗୁ ନହୁଏ, ତେବେ ଦଙ୍ଗା କରିବାର ଅର୍ଥ କ'ଣ' ମୁଖ୍ୟମନ୍ତ୍ରୀ ଦଙ୍ଗାକାରୀଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ ଦଙ୍ଗା ସୃଷ୍ଟି କରୁଥିବା ଲୋକଙ୍କ ବିରୁଦ୍ଧରେ ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଲୋକମାନଙ୍କୁ ଏକ ନିବେଦନ ଜାରି କରି କହିଛନ୍ତି, 'ସମସ୍ତ ଧର୍ମର ଲୋକଙ୍କୁ ମୋର ବିନମ୍ର ନିବେଦନ ହେଉଛି ଦୟାକରି ଶାନ୍ତ ଏବଂ ସଂଯମ ରୁହନ୍ତୁ। ଧର୍ମ ନାମରେ କୌଣସି ଭୁଲ୍ କାର୍ଯ୍ୟ କରନ୍ତୁ ନାହିଁ। ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନ ମୂଲ୍ୟବାନ, ରାଜନୀତି ପାଇଁ ଦଙ୍ଗା ଉସକାନ୍ତୁ ନାହିଁ। ଯେଉଁମାନେ ଦଙ୍ଗା ଉସକାଉଛନ୍ତି ସେମାନେ ସମାଜକୁ କ୍ଷତି ପହଞ୍ଚାଉଛନ୍ତି।'ସେ ଲୋକମାନଙ୍କୁ କହିଛନ୍ତି, 'ମନେରଖନ୍ତୁ, ଆମେ ଏପରି ଆଇନ ତିଆରି କରିନାହୁଁ ଯାହା ବିରୁଦ୍ଧରେ ଲୋକମାନେ କ୍ରୋଧିତ ହେବେ। ଏହି ଆଇନ କେନ୍ଦ୍ର ସରକାର ତିଆରି



କରିଛନ୍ତି, ତେଣୁ ଆପଣ ଯେଉଁ ଉତ୍ତର ଚାହୁଁଛନ୍ତି ତାହା କେନ୍ଦ୍ର ସରକାରଙ୍କଠାରୁ ମାଗିବା ଉଚିତ। ମମତା ବାନାର୍ଜୀ କହିଛନ୍ତି ଯେ ଆମେ ଏହି ମାମଲାରେ ଆମର ସ୍ଥିତି ସ୍ପଷ୍ଟ କରିଛୁ - ଆମେ ଏହି ଆଇନକୁ ସମର୍ଥନ କରୁନାହୁଁ। ଯଦି ଏହି ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ନହୁଏ, ତେବେ ଦଙ୍ଗା କରିବାର ଅର୍ଥ କ'ଣ ସେ ଆହୁରି କହିଛନ୍ତି ଯେ ଆମେ ଦଙ୍ଗା ସୃଷ୍ଟିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଆମେ କୌଣସି ହିଂସାତ୍ମକ କାର୍ଯ୍ୟକଳାପକୁ ସମର୍ଥନ କରୁନାହୁଁ। ବିଜେପିକୁ ଟାର୍ଗେଟ କରି ସେ କହିଛନ୍ତି ଯେ କିଛି ରାଜନୈତିକ ଦଳ ରାଜନୈତିକ ଲାଭ ପାଇଁ ଧର୍ମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଦ୍ୱାରା ଭ୍ରମିତ ହୁଅନ୍ତୁ ନାହିଁ।

## ସଂ ପା ଦ କୀ ୟ

# ବିଶ୍ୱାସ ଓ ଭରସା ରହିବା ଉଚିତ୍

ଅଇଁଠା ବେହେରା ଆମ ଗାଁ ବୃନ୍ଦାବନପୁରର ଗୋପାଳ ବା ଗଉଡ଼ ଘର ସାଇ ପିଲାଟିଏ। ସାଇ ଭାଇ ବୋଲି ତାର ସାଙ୍ଗିଆକୁ ଅପଭ୍ରଂଶ କରି ଅନେକ ତାକୁ ବେହେରେ ବୋଲି ଡାକିଥାନ୍ତି। ଗାଁ'ଯାକର ସମସ୍ତଙ୍କର ଗାଈ, ବାଛୁରୀ, ଛେଳି, ମେଣ୍ଢାଙ୍କୁ ସକାଳୁ ଗୋଠକୁ ନେଇ ସନ୍ଧ୍ୟା ପର୍ଯ୍ୟନ୍ତ ଚରାଇ ପୁଣି ଘରକୁ ଫେରାଇ ଆଣିବା ହେଉଛି ତାଙ୍କର ମୁଖ୍ୟ ଦାୟିତ୍ୱ। ମୁଁ ଜାଣିବାରେ ରୋଗ ବୋଲି ତାର କିଛି ନଥିଲା। କିନ୍ତୁ ଦିନ ଯାକ ଗାଈ, ବାଛୁରୀଙ୍କୁ ହେ.. ହେ.. ଓଡୁ.. ଓଡୁ.. ଡେଇ.. ଡେଇ.. ଛେଇ..ଛେଇ ପାଟି କରି କରି ସେ ହାଲିଆ ହୋଇପଡେ। ତେଣୁ ସନ୍ଧ୍ୟାରେ ଆମ ନନା (ବାପା)ଙ୍କ ପାଖକୁ ଆସିକି କହେ, ଭାଇନା କଣ ପାନେ ଦିପାନେ ଓଷୁଅ



ଦିଅମ ମଜରା ଛାଡିବା ପାଇଁ। ନନା ବି ମନା ନକରି ଅଭିନ ପିଇସା (ଯିଏକି ସେତେବେଳେ ମେଲେରିଆ ଓ ଫାଇଲେରିଆ ହେଲଥ୍ ୱାର୍କର୍ ଥିଲେ) ଦେଇଥିବା ସରକାରୀ ଆଇରନ ବଟିକା ଡବାରୁ ଦୁଇ ତିନିଟା ଦେଇକରି କୁହନ୍ତି ହେଇଟି ବେହେରେ ଶୁଣ, ଖାଇ ସାରି ଏକାବେଳେ ବଟିକାତକ ଖାଇ ଦେବ। ସକାଳୁ ପୋଖରୀ ପାଣି ଗଲେ ଝାଡା ତମର ଟିକେ କଳା ରଙ୍ଗର ହେବ, କିନ୍ତୁ ଜମା ଡ଼ରିବନି। ଅଇଁଠା ପୂର୍ଣ୍ଣ ବିଶ୍ୱାସ ଓ ଗଭୀର ଭରସା ରଖି ସବୁତକ ବଟିକା ଖାଇ ଦିଅନ୍ତି ଓ ପରଦିନ ଆସି ନନାଙ୍କୁ କୁହନ୍ତି ଯାହାକୁହ ଭାଇନା ଝାଡାଟା ସିନା ଟିକେ କଳା ହେଲା କିନ୍ତୁ ମଜରା କୁଆଡେ ଉଭାନ ହୋଉଗଲା ! ପୁଣି ନନାଙ୍କ ପାଖରେ ଆଶା କରି ବସନ୍ତି ଆଉ ଦୁଇ ତିନିଟି ମଜରା ଛଡା ବଟିକା ନେବା ପାଇଁ। ଇଏ ହେଲା ଅଇଁଠାର ସତ ମଜରା ଛାଡିବା ପାଇଁ ମିଛ ଔଷଦକୁ ଭରସା କରିବାର ବିଶ୍ୱାସ।

ଗାଈଙ୍କୁ ଯେତେବେଳେ ଫାଟୁଆ ରୋଗ ବୋଲି କଣ ଗୋଟେ ହୁଏ, ସେତେବେଳେ ଅଇଁଠା ବେହେରା ଘର ପିଛା ଚାଉଳ ମାଣେ ଲେଖାଏ ଆଦାୟ କରି ସନ୍ଧ୍ୟାରେ ଗାଈମାନଙ୍କୁ ଗୋଠ ପଡ଼ିଆରେ ଏକତ୍ରିତ କରି କଣ ଗୋଟେ ପୂଜା କରନ୍ତି ଯେ ସେଥିରେ ଗାଁର ସବୁ ଗାଈଙ୍କର ଫାଟୁଆ ରୋଗ ପୁରା ଭଲ ହୋଇଯାଏ। ଏଇଟା ବି ସେମିତି ଏକ ବିଶ୍ୱାସ। ଗତକାଲି ଜଣେ ସୁନାମଧନ୍ୟ ନ୍ୟୁରୋ-ସର୍ଜନ କହିଲେ ମୋର ଔଷଧ କାମ ନକରିବାରୁ ଚକଲେଟ ଦେଇ ଜଣେ ରୋଗୀକୁ ମୁଁ ଚିକିତ୍ସା କଲି ଏବଂ ସେ ମଧ ଭଲ ହୋଇଗଲେ। ତାଙ୍କ ମତରେ ରୋଗ ଦେହରୁ ନୁହେଁ ବରଂ ମୁଣ୍ଡ ଓ ମନରୁ ଅଧିକ ଭଲ ହୁଏ। ସେଥିପାଇଁ ଭରସା ଓ ବିଶ୍ୱାସର ସହିତ ଔଷଧ ଖିଆଯାଏ। କାରଣ ବିଶ୍ୱାସେ ମିଳନ୍ତି ହରି ଏବଂ ସବୁକଥାରେ ଭଗବାନ ହିଁ ଭରସା ବୋଲି ଆମେ କହୁ।

ଆମ ଗାଁ ଅଇଁଠା ବେହେରା କେବେଠୁ ଆରପାରିକି ଚାଲିଗଲାଣି ସତ ହେଲେ ତାର ବିଶ୍ୱାସ ଭରା ମୁହଁ ଆଜି ମଧ ଆଖି ଆଗରେ ନାଚିଯାଉଛି। ଦୁଇଟି କଥା ବାରମ୍ବାର ମନେପଡୁଛି ତାହା ହେଉଛି ବିଶ୍ୱାସ ଓ ଭରସା। ତେଣୁ ଆସନ୍ତୁ ଚିକିତ୍ସକଙ୍କୁ ବିଶ୍ୱାସ କରିବା ସହିତ ଭରସା ରଖିବା ଓ ସମସ୍ତ ରୋଗକୁ ଦୁରେଇ ଦେବା।

ଜ୍ଞାନ ରଞ୍ଜନ ମିଶ୍ର

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟ୍ସଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ପଞ୍ଚ ବଦନାୟ ନମୋ ନମଃ

**ପୁଷ୍ପମିତ୍ର ମହାପାତ୍ର**

'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ସମସ୍ତେ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ସେହିପରି ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ।

ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରଧାନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଷଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ସହ ସୁଗ୍ରୀବଙ୍କ ସାକ୍ଷାତ ଓ ବନ୍ଧୁତାର ସୂତ୍ରଧର ଥିଲେ ବୀର ହନୁମାନ। ସର୍ବପ୍ରଥମେ ଲଙ୍କାରେ ସେ ହିଁ ପ୍ରବେଶ କରିଥିଲେ। ଅସୁରମାନଙ୍କୁ ଭୟ ଦେଖାଇ ଅଶୋକ ବନରେ ମା'ସୀତାଙ୍କ ସନ୍ଧାନ ପାଇଥିଲେ। କେବଳ ସେତିକି ନୁହେଁ ବିଭୀଷଣଙ୍କ ସହ ମିତ୍ରତାର ସୂତ୍ରଧର ସହ ମାୟାପୁରୀ ଲଙ୍କାକୁ ଜାଳିପୋଡ଼ି ଧ୍ୱଂସ କରିଦେଇଥିଲେ। ନାଗଫାସରେ ବନ୍ଧା ରାମ ଓ ଲକ୍ଷ୍ମଣଙ୍କୁ ବନ୍ଧନମୁକ୍ତ ପାଇଁ ଗରୁଡ଼ଙ୍କୁ ଆଣିବା ସହ ଲକ୍ଷ୍ମଣଙ୍କ ଶକ୍ତିଭେଦ ବେଳେ ଗନ୍ଧମାର୍ଦ୍ଦନଙ୍କୁ ଉଠାଇ ଆଣିଥିଲେ ତେଣୁ ଶାସ୍ତ୍ରରେ ଶ୍ରୀରାମଙ୍କ ଶ୍ରେଷ୍ଠ ସେବକ ଭାବେ ହନୁମାନଙ୍କ ସ୍ଥାନ ବର୍ଣ୍ଣନା ରହିଛି। କପିମୁଖ ହନୁମାନଙ୍କ ପୂଜା ଆରଧାନା ଦ୍ୱାରା ଜଣଙ୍କ ସମସ୍ତ ଦୁଃଖ, କ୍ଲେଶ, ଚିନ୍ତା, ଅଭାବ ଓ ସମସ୍ତ ସଙ୍କଟ ଦୂର ହୋଇଥାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ସମସ୍ତ ପ୍ରକାର ଭୟ, ଜଣଙ୍କ ଉପରେ ପଡ଼ିଥିବା କୁଶକ୍ତି ଓ ସବୁ ବିପଦରୁ କେବଳ ଜଣକୁ ନୁହେଁ ତା'ର ପରିବାରକୁ ମୁକ୍ତ କରି ଘରର ଅଶୁଭ ଦୋଷ ଖଣ୍ଡନ କରିଥାଏ।

ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ। ଏହା ସକଳ ବିଘ୍ନ ନିବାରକ ମଧ। ଏହି ଗରୁଡ଼ମୁଖଙ୍କୁ ପୂଜା କଲେ ବ୍ୟକ୍ତି ଓ ପରିବାରର ସମସ୍ତ ବିଘ୍ନ ଦୂର ହୋଇଥାଏ। ବରାହ ମୁଖ ହେଉଛି ବୀର ହନୁମାନଙ୍କର ସର୍ବଗ୍ରହ ଶାନ୍ତି କାରକ ଶକ୍ତି।

କୁହାଯାଏ ଯେ, ସମସ୍ତ ଗ୍ରହର ପ୍ରତିନିଧି ହେଉଛନ୍ତି ବୀର ହନୁମାନ। ତେଣୁ ନବଗ୍ରହଙ୍କ ପ୍ରତିନିଧି ଦେବତା ଭାବେ ହନୁମାନଙ୍କୁ ବିଶ୍ୱାସ କରାଯାଏ। ବୀର ହନୁମାନ ହେଉଛନ୍ତି ରବିଙ୍କର ତେଜ ଓ ନେତୃତ୍ୱର ପ୍ରତୀକ, ସେହିପରି ଚନ୍ଦ୍ରଙ୍କ ସୌନ୍ଦର୍ଯ୍ୟ, ନିର୍ମଳ ମନ ଓ ଭକ୍ତିର ପ୍ରତୀକ। ମଙ୍ଗଳଙ୍କ ବୀରତ୍ୱ ଓ ଉଗ୍ରତ୍ୱର ପ୍ରତୀକ, ବୁଦ୍ଧଙ୍କ ବୁଦ୍ଧି ଓ ପାଣ୍ଡିତ୍ୟର ପ୍ରତୀକ। ବୃହସ୍ପତିଙ୍କ ବିଦ୍ୟା, ସମ୍ମାନ ଓ ଯଶର ପ୍ରତୀକ। ଶୁକ୍ରଙ୍କର ଐଶ୍ୱର୍ଯ୍ୟ ଓ କଳାର ପ୍ରତୀକ। ଶନିଙ୍କର କଠୋରତାର ପ୍ରତୀକ, ରାହୁଙ୍କ ପ୍ରଚଣ୍ଡତ୍ୱର ପ୍ରତୀକ ଓ କେତୁଙ୍କ ମାୟାର ପ୍ରତୀକ। ତେଣୁ ବୀର ହନୁମାନ ହେଉଛନ୍ତି ନବଗ୍ରହ ସ୍ୱରୂପ। ଏଣୁ ବିଶ୍ୱାସ ରହିଛି ଗରୁଡ଼ ମୁଖ ହନୁମାନଙ୍କୁ ପୂଜାକଲେ ନବଗ୍ରହଙ୍କ ବର, ଆଶୀର୍ବାଦ ଓ ଶୁଭଫଳ ନିଶ୍ଚିନ୍ତ ଭାବରେ ପ୍ରାପ୍ତ ହୋଇଥାଏ। ଅଶ୍ୱ ବା ହୟଗ୍ରୀବ ମୁଖ ହେଉଛି ଅନୁକୂଳ ପରିସ୍ଥିତି ସୃଷ୍ଟିକାରୀ କୃପା ଆଶୀର୍ବାଦର ପ୍ରତୀକ। ଜଣେ ଏହି କୃପାପ୍ରାପ୍ତ ହୋଇ ବୀର ହନୁମାନଙ୍କ ଆଶୀର୍ବାଦରେ ସହଜରେ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଅନ୍ୟମାନଙ୍କ ପ୍ରିୟପାତ୍ର ହୋଇଥାଏ। ଲୋକବିଶ୍ୱାସ ରହିଛି ପଞ୍ଚମୁଖୀ ହନୁମାନଙ୍କୁ ଗୃହ ସମ୍ମୁଖରେ ରଖି ଭକ୍ତି ଓ ପୂଜା ବିଶ୍ୱାସର ସହ ତାଙ୍କ ଆରଧାନ କଲେ ଗୃହକର୍ତ୍ତା ବା ଘରର ମୁରବୀ ସମସ୍ତ ଶୁଭଫଳ ପ୍ରାପ୍ତ ହେବା ସହ ଘରର ପ୍ରତିକୂଳ ପ୍ରଭାବ ହ୍ରାସ ହୋଇ ସବୁକ୍ଷେତ୍ରରେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାଏ। କେବଳ ସେତିକି ନୁହେଁ ଗୃହଦୋଷ ଓ ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ସେହିପରି ଘରର ସମସ୍ତ ବାସ୍ତୁଦୋଷ, ପ୍ରତିକୂଳ ପରିସ୍ଥିତିରୁ ଭଲ ସ୍ଥିତିକୁ ରୂପାନ୍ତରିତ କରିଥିବା ସର୍ବଶକ୍ତିମାନ ହେଉଛନ୍ତି ଏହି ପଞ୍ଚମୁଖୀ ହନୁମାନ। ଆସନ୍ତୁ ଏହି କଳିଯୁଗରେ ସଦାସର୍ବଦା ବୀର ହନୁମାନଙ୍କ ନାମ ସ୍ମରଣ କରି ସବୁବେଳେ ସତ୍ୟ ଓ ଧର୍ମ ପଥରେ ଚାଲି ନିଜ ଜୀବନକୁ ଜଗତର କଲ୍ୟାଣ ପାଇଁ ଉତ୍ସର୍ଗ କରିବା। ଜୟ ବୀର ହନୁମାନ।

**ଆଇନଜୀବୀ,**
**ଓଡ଼ିଶା ହାଇକୋର୍ଟ, କଟକ**

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୪

# ପ୍ରବୋଧିନୀ / ଦେବଉତ୍ଥାୟନୀ ଏକାଦଶୀ

**ସିଦ୍ଧାର୍ଥ ମହାପାତ୍ର**

ଭଗବାନ ଶ୍ରୀକୃଷ୍ଣ ଜ୍ୟେଷ୍ଠ ପାଣ୍ଡବ ଯୁଧିଷ୍ଠିରଙ୍କୁ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀର ନାଆଁ ପ୍ରବୋଧିନୀ ବା ଦେବଉତ୍ଥାୟନୀ ଏକାଦଶୀ ବୋଲି କହିଲେ ଯାହା ବିଷୟରେ ସର୍ବପ୍ରଥମେ ବ୍ରହ୍ମା ଭଗବାନ ନାରଦ ମୁନୀଙ୍କୁ କହିଥିଲେ। ପ୍ରବୋଧିନୀ ବା ଦେବଉତ୍ଥାୟନୀ ଏକାଦଶୀ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ତିଥିରେ ପାଳନ କରାଯାଏ। ଏହି ଏକାଦଶୀ ବ୍ରତ ଇଚ୍ଛା ମନରେ ଉତ୍ପନ୍ନ ହେଲେ ମଧ ଶହେ ଜନ୍ମର ପାପ କ୍ଷୟ ହୋଇଥାଏ ଏବଂ ବିଧିମୁତାବକ ଏହି ବ୍ରତ ପାଳନ କଲେ ଅନନ୍ତ ଜନ୍ମର ପାପ ନଷ୍ଟ ହୁଏ।ପ୍ରବୋଧିନୀ ଏକାଦଶୀ ବ୍ରତ ପାଳନ ଦ୍ୱାରା ମନୁଷ୍ୟକୁ ନିଜ ଆତ୍ମାର ସ୍ୱରୂପ ବୋଧ ହୋଇଥାଏ। ସମ୍ପୂର୍ଣ୍ଣ କାର୍ତ୍ତିକ ମାସରେ ତୁଳସୀ ବୃକ୍ଷର ମାହାତ୍ମ୍ୟ ଅନେକ ଅଧିକ। ତୁଳସୀ ପତ୍ର ଏବଂ ତୁଳସୀ ଦଳ ଦ୍ୱାରା ନାରାୟଣଙ୍କ ପୂଜନ ଦଶ ହଜାର ଜନ୍ମର ପାପ ନାଶ କରିଥାଏ। କାର୍ତ୍ତିକ ମାସରେ ବୃନ୍ଦାବତୀଙ୍କ ଦର୍ଶନ ହଜାରେ ଯୁଗ ବୈକୁଣ୍ଠ ପୁରୀ ନିବାସ ସୁନିଶ୍ଚିତ କରେ। ଏହି ମାସରେ ତୁଳସୀ ଚାରା ଲଗାଇଥିବା ବ୍ୟକ୍ତି କେବେ ନିସନ୍ତାନ ରୁହେ ନାହିଁ।କାର୍ତ୍ତିକ ମାସରେ ତୁଳସୀ ବୃକ୍ଷରେ ଜଳଦାନ କରୁଥିବା ବ୍ୟକ୍ତିଙ୍କ ପରିବାର ସର୍ବଦା ସୁଖରେ ରୁହନ୍ତି। ଏହି ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଯେ କୌଣସି ଦେବସ୍ଥାନରେ ଦୀପଦାନରେ ମହାପୁଣ୍ୟ ଅର୍ଜିତ ହୁଏ। ବୁଦ୍ଧିମାନ ବ୍ୟକ୍ତି ଏହି ଏକାଦଶୀ ତିଥିରେ ପବିତ୍ର ନଦୀ ତଟରେ ମଧ ଦୀପଦାନ କରନ୍ତି। ପ୍ରବୋଧିନୀ ବା ଦେବଉତ୍ଥାୟନୀ ଏକାଦଶୀ ବ୍ରତ ଉପାଖ୍ୟାନ ଶ୍ରବଣରେ ମଧ ମହା ପୁଣ୍ୟ ଲାଭ ହୁଏ।

*ହରିଦ୍ୱାର, ଉତ୍ତରାଖଣ୍ଡ*
*ମୋ : ୯୩୩୮୫୭୦୯୯୩*

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଆ ନୂଆବର୍ଷ କ୍ୟାଲେଣ୍ଡର ଲୋକାର୍ପିତ

ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ଓଡ଼ିଆ ନୂଆବର୍ଷ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଛି। ଏହାପୂର୍ବରୁ ଓଡ଼ିଆ ନୂଆବର୍ଷ କ୍ୟାଲେଣ୍ଡର ମହାପ୍ରଭୁଙ୍କ ନିକଟରେ ଲାଗି ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ



ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ପ୍ରମୁଖ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ।

ଏହି ଅବସରରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶ୍ରୀମନ୍ଦିର ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ପ୍ରମୁଖ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ଓଡିଆ ନବବର୍ଷ ଅବସରରେ ପ୍ରକାଶ ପାଇଛି ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର । ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବା ବେଳେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହା ଲୋକାର୍ପିତ ହୋଇଅଛି । ସେହିପରି ପ୍ରଥମ ଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକାର ମଧ୍ୟ ଲୋକାର୍ପଣ ହୋଇଛି । ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ବର୍ଷ ତମାମ ( ୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତି ଠାରୁ ୨୦୨୬ ମସିହା ରାମାଭିଷେକ ନୀତି ପର୍ଯ୍ୟନ୍ତ) ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସଗୁଡିକର ସୂଚନା ଏହି ଆକର୍ଷଣୀୟ କ୍ୟାଲେଣ୍ଡରରେ ରହିଅଛି ।

## ମାଣ୍ଡିଆ ଚାଷ ଦ୍ୱାରା ରୋଜଗାରର ବାଟ ଦେଖାଇଲେ ସରକାର

# ଚାଷୀ ଆଶଙ୍କାରେ, ମୂଳ ପୁଞ୍ଜି ମିଳିବା ପ୍ରଶ୍ନବାଚୀ

କେନ୍ଦ୍ରାପଡ଼ା (ଭିଓଭି): ସରକାରଙ୍କ ଶ୍ରୀଅନ୍ନ ବା ମାଣ୍ଡିଆ ଦେଖାଇଛି ରୋଜଗାରର ବାଟ। ଉପକୂଳ ଜିଲ୍ଲାର ଦୋରସା ମାଟିରେ ଫଳିଛି ମାଣ୍ଡିଆ ଯାହାକୁ ଦେଖି ଚାଷ କରିଥିବା ବ୍ୟକ୍ତିଙ୍କ ପେଟ ପୁରୁଥିବାବେଳେ ଚାଷରେ ହୋଇଥିବା ଖର୍ଚ୍ଚକୁ ହିସାବ କରି ମୂଳ ପୁଞ୍ଜି ମିଳିବ କି ନାହିଁ ସେନେଇ ଆଶଙ୍କାରେ। ହେଲେ ଏହି ଚାଷ ପ୍ରଥମ ଥର କରି ଶ୍ରୀ ଅନ୍ନ ଦିବସରେ ସମ୍ବର୍ଦ୍ଧିତ ହୋଇଥିବାରୁ ସେ ଏହି ମାଣ୍ଡିଆ ଚାଷ ଜାରି ରଖିବେ ବୋଲି କହିବା ଅନ୍ୟ ଚାଷୀ ମାନଙ୍କ ପାଇଁ ପ୍ରେରଣା ଯୋଗାଇବାରେ ସହାୟକ ହେବ ନିଶ୍ଚେ। କେନ୍ଦ୍ରାପଡା ଜିଲ୍ଲା କୁତରଙ୍ଗ ଗାଁର ଶ୍ରୀଧର ଦାସ, କୋଭିଡ ସମୟରେ ବାହାର ରାଜ୍ୟରେ ଦାଦନ ଖଟୁଥିବା ବେଳେ ପରେ ଘରକୁ ଆସି ଚାଷ କରିବା ପାଇଁ ମନସ୍ଥ କରିଥିଲେ। ତେବେ ନିଜ ଜମି ଠେଙ୍ଗ (ଉଚ୍ଚ) ଜମି ହୋଇଥିବା ଓ ରାଜସ୍ୱ ବିଭାଗ ପକ୍ଷରୁ ଜଳକର ନିଆ ଯାଉଥିଲେ ମଧ୍ୟ ତାଙ୍କ ଜମିକୁ ପାଣି ନ ଆସି ପାରୁଥିବା କାରଣରୁ ଜଣେ ବନ୍ଧୁଙ୍କ ପରାମର୍ଶ ଅନୁଯାୟୀ ସେ ଏହି ଉଚ୍ଚା ଜମିରେ ଚଳିତବର୍ଷ ମାଣ୍ଡିଆ ଚାଷ କରିବା ପାଇଁ ସ୍ଥିର କରି କୃଷି ପରାମର୍ଶ ଅଧିକାରୀଙ୍କୁ ଭେଟି ପ୍ରାୟ ଅଢେଇରୁ ତିନି ଏକର ଜମିରେ ଏହି ମାଣ୍ଡିଆ ଚାଷ ଆରମ୍ଭ କରିଥିଲେ । ଶ୍ରୀଧରଙ୍କ କହିବା ଅନୁଯାୟୀ,‘କୋଭିଡ ପରେ ମୁଁ ଘରକୁ ଫେରିବା ପରେ ଘରେ ବାପା ମା’ଙ୍କ ବାର୍ଦ୍ଧକ୍ୟ କାରଣରୁ ସେମାନଙ୍କୁ ଛାଡି ଯାଇ ହେଲାନାହିଁ ।ସେପଟେ ଚାଷ କରି ପରିବାର ପ୍ରତିପୋଷଣ କରିବା ମଧ୍ୟ ଅସମ୍ଭବ



ହୋଇପଡିଲା। ଏହି ସମୟରେ ମୋର ଡାଇବେଟିସ ରୋଗ ବାହାରିବାରୁ କୋରାପୁଟରେ ରହୁଥିବା ମୋର ଜଣେ ସାଙ୍ଗ ମୋତେ ମାଣ୍ଡିଆ ଆଣି ଦେଇଥିଲା ଓ ମାଣ୍ଡିଆ ହିଁ ଡାଇବେଟିସ ରୋଗ ପାଇଁ ସମ୍ପୂର୍ଣ୍ଣ ଉପଶମକାରୀ ଖାଦ୍ୟ ବୋଲି ପରାମର୍ଶ ଦେଇଥିଲେ। ପରେ ମୁଁ ମାଣ୍ଡିଆ ଖାଇ ବଞ୍ଚିଥିବା କିଛି ମାଣ୍ଡିଆକୁ ଆମ ବାଡିରେ ଛାଟି ଦେଇଥିଲି। ମୁଁ ପୂର୍ବରୁ କେବେ ମାଣ୍ଡିଆ ଗଛ ଦେଖିନଥିଲି ଆଉ ପ୍ରଥମ ଥର ପାଇଁ ଏହି ମାଣ୍ଡିଆ ଦେଖି ବାପାଙ୍କୁ ଏହି ଚାଷ କରିବା ପାଇଁ କହିଥିଲି ।ପରେ ବାପା ରାଜି ହେବାରୁ ମୁଁ ଆମ ଗ୍ରାମସେବକ ଥିବା ଶିଶିର ସାରଙ୍କୁ ଯୋଗାଯୋଗ କରି ଏହି ଚାଷ ଆରମ୍ଭ କରିଥିଲି। ଧାନ ଚାଷ ଭଳି ମାଣ୍ଡିଆ ଚାଷ ମଧ୍ୟ ବିହନ ପଡିଲା, ଓରଦା ଦିଆଗଲା ଓ ପରେ ତଳି ଆଣି ଏହାକୁ ରୁଆଗଲା ।ପାହାଡିଆ ଅଞ୍ଚଳରେ ଏହି ଚାଷ ପାଇଁ ସାର ମସଲା ଲାଗୁନଥିବା ଓ ଏଥିପାଇଁ ଖତ ଗୋବର ଯଥେଷ୍ଟ ହେଉଥିବା ଜାଣିବା ପରେ ଏଠାରେ ମଧ୍ୟ ଆମେ ଖତ ଗୋବର ଦେଇଥିଲୁ ହେଲେ ଗଛ ନ ବଢିବାରୁ ଅଳ୍ପ ପରିମାଣର ସାର ଦିଆଗଲା ଜଦ୍ଦ୍ୱାରା ମାଣ୍ଡିଆ ଟି ଭଲ ପରିମାଣର ହୋଇପାରିଲା। ମାର୍କେଟରେ ଏହାର ରେଟ ୬୦-୬୫ ଟଙ୍କା କିଲୋପ୍ରତି ଥିବା ଆମେ ଜାଣିଛୁ’ବୋଲି କହିଛନ୍ତି ଶ୍ରୀଧର।






# ପଟ୍ଟାମୁଣ୍ଡାଇରେ ପାନୀୟ ଜଳ ସଂକଟ, ସରକାର ନିରବଦ୍ରଷ୍ଟା



ପଟ୍ଟାମୁଣ୍ଡାଇ (ଭିଓଭି): ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସହିତ ମୁଣ୍ଡ ଫଟା ଖରା। ଗ୍ରାମାଞ୍ଚଳର ଚାରିଆଡେ ଲାଗିରହିଛି ପାନୀୟ ଜଳ ସମସ୍ୟା। ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମ୍ୟପାନୀୟଜଳ ଯୋଗାଣ ବିଭାଗ କୌଣସି ଠୋସ ପଦକ୍ଷେପ ନେଉନଥିବା ବେଳେ ସମସ୍ୟା ଉକ୍ଟ ହେବାରେ ଲାଗିଛି। ଲୋକମାନେ ମୁନ୍ଦାଏ ପିଇବା ପାଣି ଡହଳ ବିକଳ ହେଉଥିବା ବେଳେ ପାନୀୟ ଜଳ ସମସ୍ୟାର ସମାଧାନ କରାଯାଉଛି ବୋଲି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ମିଥ୍ୟା ଭାବେ ପ୍ରଚାର କରୁଛି ବୋଲି ଅଭିଯୋଗ ହେଉଛି। ଏହି ବିଭାଗ ଲୋକଙ୍କ ପାନୀୟ ଜଳ ସମସ୍ଯା ସମାଧାନ କରିପାରୁନଥିବାରୁ ଏହି ବିଭାଗଟି କାହା ସ୍ୱାର୍ଥରେ କାର୍ଯ୍ୟ କରୁଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପଟ୍ଟାମୁଣ୍ଡାଇ ବ୍ଲକର ଉପାନ୍ତ ଧୋୟାଞ୍ଚଳରେ ପାନୀୟ ଜଳ ସମସ୍ଯା ଏବେ ଉକ୍ଟ ରୂପ ଧାରଣ କରିଛି। ଧୋୟାଞ୍ଚଳ ଅନ୍ତର୍ଗତ ଅଳପୁଆ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ ୨୦୦୦ରୁ ଅଧିକ ବାସିନ୍ଦାଙ୍କ ପାଇଁ ଏକ ଗମ୍ଭୀର ଚିନ୍ତାର ବିଷୟ ପାଲଟିଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଦୀର୍ଘ ଦିନ ଧରି ଏହି ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ବହୁ ବାର ଆପତ୍ତି ଅଭିଯୋଗ ପରେ ମଧ୍ୟ ପାନୀୟ ଜଳ ସମାଧାନ ପାଇଁ କର୍ତ୍ତୃପକ୍ଷ କୌଣସି ଦୃଢ଼ ପଦକ୍ଷେପ ନେଇ ନାହାଁନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିକଟରେ ଅନେକ ଅଭିଯୋଗ ଏବଂ ଆବେଦନ ସତ୍ତ୍ୱେ, ବିଭାଗର ଅପାରଗତା ଯୋଗୁଁ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ଅଳପୁଆ ତଳା ପଡ଼ିଆରେ ସ୍ଥାପିତ ପାନୀୟ ଜଳ ପ୍ରକଳ୍ପ, ଯେଉଁଥିରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଓଭରହେଡ୍ ଟାଙ୍କି ରହିଛି। କିନ୍ତୁ ଏହି ଓଭରହେଡ ଟାଙ୍କିଟି ଆରମ୍ଭରୁ ଠିକ୍ ଭାବରେ କାର୍ଯ୍ୟ କରୁନାହିଁ। ଯାହା ଫଳରେ ଅଳପୁଆ ବିଶ୍ୱାଳ ସାହି, ଅଳପୁଆ ଡିଆ, ସୁବଳପୁର, ପାହାନ୍ତା ସିଂହ ସାହି, ଗୋଜିଆ କଣ ସାହି ଓ ବସ୍ତିରେ ଉକ୍ଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏହି ସବୁ ସାହି ବସ୍ତିରେ ଲାଗିଥିବା ପ୍ରାୟ ୪୦ ଟି ଟ୍ୟାପ୍ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ପାହାନ୍ତା ସିଂହ ସାହିରେ ପରିସ୍ଥିତି ଅଧିକ ସଙ୍ଗିନ ହୋଇପଡିଛି। ଯେଉଁଠାରେ କୌଣସି ନଳକୂପ ନାହିଁ ଏବଂ ଟ୍ୟାପରୁ ପାଣି ମଧ୍ୟ ବାହାରୁନାହିଁ। ଅଳପୁଆ ପଞ୍ଚାୟତରେ ଥିବା ୨୦ଟି ଗଭୀର ନଳକୂପ ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି ଏବଂ ଅନ୍ୟଗୁଡ଼ିକ ଭୂତଳ ଜଳ ସ୍ତର କମ ଥିବାରୁ ପର୍ଯ୍ୟାପ୍ତ ପାଣି ଯୋଗାଣ କରିପାରୁନାହିଁ ବୋଲି ଅଭିଯୋଗ ହୋଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଞ୍ଚଳ ପରିଦର୍ଶନ କରି ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ, ତଥାପି କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ସ୍ଥାନୀୟ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଠାରୁ ବିଫଳ ଓ ହତାଶ ହୋଇ ଗ୍ରାମବାସୀମାନେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ହେଁ ସମସ୍ୟାର ସମାଧାନ ହୋଇପାରିନଥିବାରୁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ସହିତ ଲୋକମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ପାନୀୟ ଜଳ ଭଳି ଏକ ମୌଳିକ ଆବଶ୍ୟକତା ସୁନିଶ୍ଚିତ କରିବାରେ ବିଭାଗର ବିଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ବିଶ୍ୱାଳ, ନିରାକାର ବିଶ୍ୱାଳ, ଗଗନ ମହାଳିକ, ମଧୁସୂଦନ ଦାସ ଏବଂ ନରେନ୍ଦ୍ର ଧଳ ପ୍ରମୁଖ ଏଥି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ହାଟଡିହି ବ୍ଲକର ବିଧବା ମହିଳା ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇବାରୁ ବଞ୍ଚିତ



ଆନନ୍ଦପୁର,(ଭିଓଭି): ରାଜ୍ୟସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଗେଇ ଦେଉଥିବା ବେଳେ । ହାଟଡିହି ବ୍ଲକ ବାଲିବରେଇ ଗ୍ରାମପଞ୍ଚାୟତ ର ଠାକୁରପାଟଣା ଗ୍ରାମର ବିଧବା ମହିଳା ସାବିତ୍ରୀ ବେହେରାଙ୍କୁ ଘର ପାଇବାରୁ ବଞ୍ଚିତ ଅଛନ୍ତି । ସାବିତ୍ରୀ ବେହେରା ସ୍ୱାମୀ କାଶୀନାଥ ବେହେରା ଦୀର୍ଘ ଦିନ ହେବ ଦେହାନ୍ତରେ ସାବିତ୍ରୀ ନିରୁପାୟ । ପରିବାର ଗୋଟିଏ ପୁଅ ଏବଂ ଚାରୋଟି ଝିଅ. ଝିଅ କୁ ବାହା ଦେଇ ସେ ଭୁବନେଶ୍ୱର ରେ ଏକ ଘରୋଇ କାମ ରେ ଝାଡୁଦାର ହିସାବରେ କାମ କରୁଛନ୍ତି । ସାବିତ୍ରୀଙ୍କ କହିବା କଥା ସେ ବାରମ୍ବାର ଘର ପାଇବା ପାଇଁ ପଞ୍ଚାୟତ ର ପିଓ ଏବଂ ସରପଞ୍ଚଙ୍କୁ ଅଭିଯୋଗ ପତ୍ର ଦେଲେବି ସୁଦ୍ଧା କୌଣସି ଅଭିଯୋଗ ଶୁଣିବା ପାଇଁ ପ୍ରସ୍ତୁତ ନୁହନ୍ତି । ପିଓ ବାବୁ ଙ୍କୁଗଣମାଧ୍ୟମ ର ପ୍ରଧାନମନ୍ତ୍ରୀ ଘର ପାଇବାନେଇ ଫୋନ ଦ୍ୱାରା ଯୋଗାଯୋଗ କଲେ ପିଓ ବାବୁ ଓଲଟପାଲଟ କଥା କହୁଛନ୍ତି । ବାଲିବରେଇ ଗ୍ରାମ ପଞ୍ଚାୟତ ର କିଭଳି ଗରିବ ବିଧବା ମହିଳା ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ମିଳିବ ସେଥିପାଇଁ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରୁଛନ୍ତି ।

# ଆବର୍ଜନା କୁଣ୍ଡ ସଫା ସୁତୁରା



ଭଣ୍ଡାରିପୋଖରୀ (ଭିଓଭି): ସୁସ୍ଥ ପରିବେଶ ପାଇଁ ସରକାର ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିତାପର ବିଷୟ ଯୋଜନାଟି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଧୀରେ ଧୀରେ ମନ୍ଥର ହେଉଥିବା ଦେଖାଯାଉଛି। ଏପରିକି ଆଗଭଳି ଆଉ ଗ୍ରାମାଞ୍ଚଳ ମାନଙ୍କରେ ସ୍ୱଚ୍ଛ ଭାରତର ସମ୍ପୂର୍ଣ୍ଣ କାର୍ଯ୍ୟ ଦେଖାଯାଉନାହିଁ। ପ୍ରଶାସନ ପକ୍ଷରୁ ନାମକୁମାତ୍ର କେତୋଟି ମିଟିଂ କରାଯାଇ ଯୋଜନାକୁ ଲୋକାଭିମୁଖୀ କରିବା ପାଇଁ ଚେଷ୍ଟା କରାଯାଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ କିନ୍ତୁ ଏହାର କାର୍ଯ୍ୟ ଶୂନ ହୋଇଯାଇଛି। ନା ଆଗଭଳି ଆଉ ପଞ୍ଚାୟତ ଅଞ୍ଚଳରେ ସଫେଇ ହେଉଛି ନା ଶୋଭାଯାତ୍ରା ଜରିଆରେ ସଚେତନତା ସୃଷ୍ଟି କରାଯାଉଛି। ଏପରିକି ଲକ୍ଷଲକ୍ଷ ଟଙ୍କାରେ ନିର୍ମାଣ ହୋଇଥିବା ଆବର୍ଜନା କୁଣ୍ଡ ମାନ ଅତି ପରିଷ୍କାର ପରିଚ୍ଛନ ଭାବେ ଦଣ୍ଡାୟମାନ ହୋଇ ପଡିରହିଛି। ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ କି ଏଥିରେ କୌଣସି ଅଳିଆ ଆବର୍ଜନା ପକାଯାଉନାହିଁ। ସୂଚନା ମୁତାବକ ବିଗତ ବର୍ଷ ମାନଙ୍କରେ ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଗାଁ ଗଣ୍ଡାରେ ଆବର୍ଜନା ଗୃହ ନିର୍ମାଣ କରାଯାଇଥିଲା। ଗାଁ ଓ ସାହିପଡିଶାର ଅଳିଆ ଆବର୍ଜନାକୁ ସେଠାରେ ଏକତ୍ରିକରଣ କରି ସ୍ଥାନାନ୍ତରିତ ପାଇଁ ମଧ୍ୟ ବ୍ୟବସ୍ଥା ଥିଲା। ଆରମ୍ଭରୁ ଥରେ ଦୁଇଥର ଆବର୍ଜନା ଗୃହ ମାନଙ୍କରେ ଅଳିଆ ଆବର୍ଜନା ପକାଯାଇ ପ୍ରଶାସନ ପକ୍ଷରୁ ଫଟୋ ଉଠାଯାଇଥିଲା। ପରେ ପରେ ଆଉ ସ୍ୱଚ୍ଛ ଭାରତ ଯୋଜନା ଅଧିନରେ ସେଭଳି କୌଣସି ପରିଷ୍କାର ପରିଛନ କାର୍ଯ୍ୟ ହେଉନଥିବା ବେଳେ ଗାଁ ଗଣ୍ଡାରେ ସଫେଇ ମଧ୍ୟ ଏକପ୍ରକାର ବନ୍ଦ ହୋଇଯାଇଛି। ତେଣୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣଧୀନ ଆବର୍ଜନା ଗୃହ ବେଶ ପରିଷ୍କାର ପରିଛନ ଭାବେ ରହିଥିବା ଦେଖିବାକୁ ମିଳିଛି।

# ଜନଜୀବନ ଅସ୍ତବ୍ୟସ୍ତ, ଗୋପବନ୍ଧୁ ମାର୍ଗ ରାସ୍ତା ପାଲଟିଛି ମରଣା ଯନ୍ତା



କଳିଙ୍ଗନଗର (ଭିଓଭି): ମରଣଯନ୍ତା ପାଲିଟିଛି ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସ୍ୱପ୍ନର କଳିଙ୍ଗ ନଗର । ପ୍ରତ୍ୟେକ ଦିନ କିଛି ନା କିଛ ଦୁର୍ଘଟଣା ଘଟୁଛି ଓ ବହୁତ ଜୀବନ ଅକାଳରେ ଯାଉଛି । ଏହି ଅଞ୍ଚଳରେ ଟ୍ରାଫିକ ସମସ୍ୟା ନଥିବା ହେତୁ ବହୁ କ୍ଷତି ହେଉଛି । ବିଭିନ୍ନ କାରଖାନାକୁ ସଂଯୋଗ କରୁଥିବା ବିର୍ଶା ମୁଣ୍ଡା ଛକରୁ ରବଣା ଛକ ପର୍ଯ୍ୟନ୍ତ ଗୋପବନ୍ଧୁ ମାର୍ଗ ଏହି ରାସ୍ତା ଦେଇ ବହୁ କର୍ମଚାରୀ, ଟ୍ରଲର ଓ ଶ୍ରମିକ ଯାତାୟାତ କରିଥାନ୍ତି । ଉକ୍ତ ରାସ୍ତା ଟି କଳିଙ୍ଗ ନଗର ଲାଇଫ ଲାଇନ ଓ ବ୍ୟସ୍ତ ବହୁଳ ରାସ୍ତା। ଏ ରାସ୍ତା ପାଲଟିଛି ମରଣ ଯନ୍ତା। ଏଠାରେ ଯେଉଁ ଅନୁସାରେ ସରକାରଙ୍କ ରାଜସ୍ୱ ଯାଉଛି କିନ୍ତୁ ସରକାର ଟ୍ରାଫିକ ସମସ୍ୟା ନାହିଁ ନଥିବା ଅସୁବିଧା ହେଉଛି । କେବଳ ଏଠାରେ ଟ୍ରାଫିକ ଆସନ୍ତି ଜୋରିମାନ ଆଦାୟ କରିବାରେ ଏହି ଅଞ୍ଚଳରେ ନିୟୋଜିତ ରହିଥାନ୍ତି କିନ୍ତୁ ବଡ଼ ଗାଡି ପାଇଁ କିଛି ବି ପଡେପକ୍ଷ ନେଉଥିବା ସାଧାରଣ ଲୋକ ଚର୍ଚ୍ଚା ହୁଏ। ହଜାର ହଜାର ପଥଚାରିଙ୍କ ପାଇଁ ଲମ୍ବି ଯାଇଥିବା ରାଜପଥ ଏବେ ଶିଳ୍ପ ଉଦ୍ୟଗିଙ୍କ କବଜାରେ,କଳିଙ୍ଗ ନଗରରୁ ଲାଭବାନ ହୋଇ କିନ୍ତୁ ରାସ୍ତା ସେହିଭଳି ଭାବରେ ଉନ୍ନୟତି ହୋଇନାହିଁ। କଳିଙ୍ଗ ନଗର ହେଉଛି ଏସିଆ ମହାଦେଶ ଶିଳ୍ପ ରାଜଧାନୀ।ଏଠାକୁ ବହୁ ସଂଖ୍ୟକ ଶ୍ରମିକ କାର୍ଯ୍ୟ କରିବାକୁ କାରଖାନା ଆସିଥାନ୍ତି। ସଖାଳ ଓ ସନ୍ଧ୍ୟା ହେଲେ ଅନେକ ଗାଡି ଯାତାୟାତ କରିଥାନ୍ତି କିନ୍ତୁ ଏହା ମଧ୍ୟରେ କଳିଙ୍ଗ ନଗରରେ ବିଭିନ୍ନ କାରଖାନା ବସଙ୍କ କଥା ନ କହିବା ଭଲ। ଏହି ରାସ୍ତାରେ ଟ୍ରାଫିକ ସମସ୍ୟା, ରାସ୍ତା ସମସ୍ୟା ହୋଇଥିବାରୁ ସନ୍ଧ୍ୟା ଓ ସଖାଳେ ହେଲେ ରାସ୍ତା ଜାମ ସହିତ କଳିଙ୍ଗ ନଗରବାସୀ ଦୁର୍ଘଟଣା ଶିକାର ହୋଇଥାନ୍ତି। କଳିଙ୍ଗନଗର ରାଜରାସ୍ତା ଜନଜୀବନ ଅସ୍ତ ବ୍ୟସ୍ତ, କମ୍ପାନୀ ବସ ଓ କାରଖାନାକୁ ଆଶୁଥିବା ଟ୍ରଲର, ଟ୍ରକ କବଜାରେ ରାଜପଥ, ଜନଜୀବନ ଆକଚ୍, ମାକ ଚା'। କଳିଙ୍ଗ ନଗରରେ ରାସ୍ତାର ଭିତ୍ତିଭୂମି ଠିକସେ ନଥିବାରୁ ଯଥା ଦାନଗଦି ଛକ,ମାନପୁର ବ୍ରିଜ, ମିଲିଟାରୀ ଛକ, ତେଲେବାହାଳି ଛକ, ରବଣା ଚାରି ଛକ, ବିଆରପିଏଲ ଛକ ଓ ଡୁବୁରୀ ଛକ ଏସବୁ ଛକରେ ଜାମ ପରିଲକ୍ଷିତ ହୁଏ। ଏହା ମଧ୍ୟରେ କାରଖାନା ମାନଙ୍କୁ ଆସୁଥିବା ବଡ଼ ଟ୍ରଲର, ଟ୍ରକ, ହାଇବ ଆହୁରି ରାସ୍ତା ଜାମ କରିଥାଏ ।ପ୍ରଶାସନ ପକ୍ଷରୁ ଏତି ରାସ୍ତା ପ୍ରିତି ଦୃଷ୍ଟି ଦେଇ ଯଥାଶୀଘ୍ର ସମାଧାନ ନିମନ୍ତେ ଜନ ସାଧାରଣ ପକ୍ଷରୁ ଚର୍ଚ୍ଚା ହେଉଛି।

# Whispers of the Earth: Healing Our Green Mother



Nihar Ranjan Acharya

The Earth, our sacred home, once flourished in harmony with every whispering breeze, flowing river, and verdant forest. It was a place where humans lived in rhythm with nature. But today, the harmony is broken. The melodies of chirping birds are drowned by noise pollution. Trees, once standing as green guardians, are reduced to stumps. Our skies are choked with smoke, rivers with plastic, and hearts with indifference.

Environmental degradation is no longer an abstract idea; it's our lived reality. From melting glaciers to erratic weather patterns, from shrinking biodiversity to rising sea levels-nature is sending a clear message: "I am suffering."

We, the most intelligent of Earth's creations, must now become its most responsible caretakers.

The Crisis We Cannot Ignore

Human activity — particularly deforestation, industrialization, and overconsumption — is driving the climate crisis. Forests are cleared in the name of development, but what follows is desertification, displaced wildlife, and disrupted ecosystems. Fossil fuels, the cornerstone of industrial progress, release greenhouse gases that wrap our planet in a blanket of heat.

Yet, amid this crisis lies a profound opportunity — to rebuild, to restore, and to reimagine a greener future.




Solutions for a Sustainable Tomorrow

1. Afforestation and Reforestation“ Planting trees is one of the most powerful ways to combat climate change. Trees absorb carbon dioxide, restore groundwater levels, cool urban spaces, and provide habitat for countless species. Community-led tree planting campaigns can create a movement of green warriors.

2. Sustainable Lifestyle Choices“ Simple changes in our daily lives can create a huge impact. Choose cloth bags over plastic, support local organic farmers, switch to energy-efficient appliances, and reduce, reuse, recycle.

3. Water Conservation“ Water is life, and yet it's wasted with casual disregard. Fix leaks, use low-flow fixtures, harvest rainwater, and promote awareness on responsible usage.

4. Clean Energy Adoption“ Embracing solar, wind, and hydroelectric power over coal and oil can significantly reduce carbon emissions. Governments and individuals must invest in renewable energy.

5. Education and Awareness“ Environmental education should be a key part of school curriculums. Children must grow up understanding the interdependence between humanity and nature.

6. Policy and Community Engagement

Citizen action can influence policy. Supporting environmental laws, participating in clean-up drives, and holding industries accountable is every citizen's duty.

The Spiritual Bond with Nature

Ancient Indian philosophy teaches us: "**Vasudhaiva Kutumbakam**" — the whole world is one family. Nature is not a resource to exploit, but a mother to revere. The Vedas and Upanishads are full of hymns that worship rivers, trees, wind, and fire as divine forces. This spiritual worldview can be the guiding light for sustainable living.

Hope Blooms Where Action Begins

We must stop merely mourning the loss of green cover and start planting the seeds of renewal. Change doesn't always need a thousand people. It begins with one — one person planting a tree, one school starting a green club, one leader choosing sustainability over short-term profits.

The Earth doesn't need saving — we do. And by saving her, we save ourselves.

Let us be the voice for the voiceless forests, the guardian of silent rivers, and the hope of every bird, bee, and blossom.

Let us not inherit the Earth from our ancestors but borrow it from our children — and return it greener.

*Founder and Working Director, Trust*
*Ph. 8249775817*
*Email: niharacharya1973@gmail.com*






# TRIALS IN SOCIAL MEDIA

## A CHALLENGE TO JUDICIAL SYSTEM OF THE COUNTRY IN THE PRESENT TIME



Sanjaya Kumar Sahoo
M.Sc., M.A, LL.M.
Director Legal Affairs, SOA
Former District & Sessions Judge.
Ph:8270203063
E-Mail: sksahoo.judiciary@gmail.com

Even though "Social Media"is typically used for entertainment and recreation, but now a days it is directly impacting criminal justice system. Instagram, Facebook, Twitter and Snapchat are channels of communication so also public sources of information about all. Social media and the criminal justice system are joining forces to track criminal behaviour at every level. Additionally, citizens are doing their part by using these sites to document criminal behaviour and confessions.

SOCIAL MEDIA AND CRIMINAL JUSTICE SYSTEM:

Social media platforms are turning into a critical component in investigating crime on all levels. Authorities are taking to sites like Facebook and Twitter to keep their community informed about local crimes. There they post surveillance footage, crime scene photos and get the word out about on-going police action.Along with publishing content allowing them to apprehend criminals, police departments are also acquiring subpoenas to access private messages to help with investigations. In numerous cases, investigators have built and made cases against suspects by gaining access to their social media accounts. This is possible as private messages generally contain correspondence that might directly or indirectly link them to a crime. Additionally, criminal justice professionals are using social media to identify suspects, procure tips on criminal activity, find missing persons and track organized crime. Investigators don't need any kind of special privileges to obtain private information on users in these cases.

As technology advanced over time, many positive and negative changes have had an outcome on these changes. When relating to the Criminal Justice System, social media has been used to exploit arrests, film criminal trials, have press releases on certain cases, send out amber alerts, and much more. Social media has allowed for people around the world to be continuously updated on arrests, court case outcomes, and information on suspects. On the other hand, notifying the public too early can effect big breaks in the case or risk getting valuable information leaked. We have to weigh out these options before publishing any information on social media regarding the Judicial System.

Overall, there are positives and negatives to everything including digital media outlets. In relation to the Criminal Justice System, social media can aid the public in being kept up to date on arrests, court cases, missing children reports, and ways to stay vigilante. But, social media can also express harm by exploiting information before it can be released or leading for the outbreak of massive crime as seen in with the George Floyd protests. Depending on the exposure and reason for reporting a case online, there are ups and downs to both sides of media outlets and the Judicial System.

TRIALS IN SOCIAL MEDIA:

Media trial is a phrase describing the impact of television and print media coverage on a case through an attempt by the media to hold the accused guilty even before the trial begins. The social media usually portrays the accused as a villain not based on facts, but only to sensationalize the news which causes damage to the dignity of the accused. Media through their trial attempts to reincarnate itself into a 'public court' and interfere with court proceedings. It fails to analyse the vital gap between an accused and a convict keeping at stake the golden principles of 'presumption of innocence until proven guilty' and 'guilt beyond reasonable doubt'.

Social media trial is an intrusion and an ethical breach. It has become a trend that social media performs the function of the judiciary of investigating the truth. The public supports the trend of trial by media. With the help of social media, each person can indulge in freely giving their opinions without any communication barrier. The absence of any communication barrier reflects that the opinions or views expressed are at a global portal and these opinions might play an effective role in framing the views of others.

The common problems are like by publishing inadmissible evidence and bringing it into the public domain. The media could bring facts to the attention of the judge and the public that cannot be taken into consideration when adjudicating the matter. Those facts may subconsciously affect the decision of the judge. Social media causes defamation to persons who are acquitted from the Courts on grounds of lack of proof beyond a reasonable doubt. In cases of a sexual offense the explicit description of the ordeal on television creates mental torture to the victim. Also in such cases the media instantly places public domain initial statements of the victim in verbatim form. Thus it is evident that media trials lead to a breach of privacy, a bias in public opinion as well as interferes with the sentencing process. Due to this the accused, instead of being assumed innocent is presumed to be a criminal. It not only interferes with the "administration of justice", but also propagates a false message to society. The society starts forming their opinions based on their own notions rather than relying on the judiciary.

The social media has immense power and if the power is misused it can severely harm a nation. The onus of responsibility falls on the individuals themselves to check and ensure that no harm is committed and also the public should be more media literate and understand fact from fiction.The widespread use of social media in the community prevailing attitudes that social media discussions are less 'official' than a traditional press, and ready access to jurors' online information present unique challenges to the 21st-century justice system.






Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

**Editor: Gyana Ranjan Mishra** ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର